ସ୍ୱାସ୍ଥ୍ୟ ବିଭାଗ ନିର୍ମଳ ଯୋଜନାରେ ମାଳ ମାଳ ଅଳିଆ

# ସିକ୍ୟୁରିଟି ସଂସ୍ଥା ଚୟନ କ୍ଷେତ୍ରରେ ଟେଣ୍ଡର ଫିକ୍ସିଂ!

ଯାଜପୁର,୨୫।୨(ସମିସ):

ରାଜ୍ୟରେ ସରକାରୀ କାର୍ଯ୍ୟାଳୟରେ କୌଣସି ଘରୋଇ ସଂସ୍ଥା ନିୟୋଜିତ କରିବା ପାଇଁ ନିର୍ଦ୍ଦିଷ୍ଟ ଗାଇଡ୍ ଲାଇନ ରହିଛି। କିନ୍ତୁ ନିର୍ଦ୍ଦିଷ୍ଟ ଠିକାସଂସ୍ଥାକୁ ନିଯୁକ୍ତି କରିବା ପାଇଁ ସମସ୍ତ ଆଇନ କାନୁନକୁ ଉଲ୍ଲଙ୍ଘନ କରାଯାଉଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟକାରୀ ହେଉଥିବା ନିର୍ମଳ ଯୋଜନାରେ ଏଭଳି ଅନିୟମିତତା ହୋଇଥିବା ସାମ୍ନାକୁ ଆସିଛି। ଏହି ଯୋଜନା ଅଧୀନରେ ବିଭିନ୍ନ ଡାକ୍ତରଖାନାରେ ସିକ୍ୟୁରିଟି ଗାର୍ଡ ନିଯୁକ୍ତି ନେଇ ଟେଣ୍ଡର ଫିକ୍ସିଂ କରାଯାଇଥ?ବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ସେବା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୨୦୨୫ ମସିହା ଫେବୃଆରି ୨୫ ତାରିଖରେ ବିଭିନ୍ନ ସରକାରୀ ଡାକ୍ତରଖାନାରେ ସୁରକ୍ଷା କର୍ମୀ ନିୟୋଜିତ ପାଇଁ ଏକ ଟେଣ୍ଡର (ସଂଖ୍ୟା-୭୯୯) ପାଇଁ ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନ ପ୍ରକାଶିତ ହୋଇଥିଲା। ଯେଉଁଥିରେ ଅନେକ ବିଡର୍ ଟେଣ୍ଡର ପକାଇଥିଲେ ମଧ୍ୟ ଉକ୍ତ ଟେଣ୍ଡରକୁ ଖୋଲା ନ ଯାଇ ଝୁଲାଇ ରଖି କୌଣସି କାରଣ ନ ଥାଇ ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନିଜ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୦୫୨ ମାଧ୍ୟମରେ ଗତ ଅକ୍ଟୋବର ୧୫ ତାରିଖରେ ଏହାକୁ ନାକଚ କରିଦେଇଥିଲେ। ନାକଚର ପ୍ରକୃତ କାରଣ ମଧ୍ୟ କୌଣସି ଆବେଦନକାରୀଙ୍କୁ ଦର୍ଶାଇ ନଥିଲେ। ଏଥିସହିତ ସେହିଦିନର ପତ୍ର ସଂଖ୍ୟା ୫୦୫୩ ମାଧ୍ୟମରେ "ନିର୍ମଳ' ଯୋଜନା ଅଧୀନରେ ସୁରକ୍ଷା କର୍ମୀ ନିୟୋଜିତ ପାଇଁ ପୁନଃ ଟେଣ୍ଡର ନିମନ୍ତେ ଏକ ବିଜ୍ଞାପନ ପ୍ରକାଶ କରିବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଅନୁରୋଧ ପତ୍ର ପଠାଇଥିଲେ। ମାତ୍ର ସେହି ସମୟରେ ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ବିଭାଗ ପକ୍ଷରୁ ଏହାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁମତି ନେବା ପାଇଁ ଟିପ୍ପଣୀ ଦେଇ ଅକ୍ଟୋବର ୧୬ ତାରିଖ ଦିନ ଫେରାଇ ଦିଆଯାଇଥିଲା। ସେବେ ଠାରୁ ଆଉ କୌଣସି ବିଜ୍ଞାପନ ନ ଦେଇ ଜିଲ୍ଲା କର୍ତ୍ତୃପକ୍ଷ ଆଉ ଟେଣ୍ଡର ପ୍ରକ୍ରିୟାକୁ ଗୁପ୍ତ ଭାବେ ଆଗକୁ ବଢ଼ାଇଥିଲେ। ଯାହା ଫଳରେ ରାଜ୍ୟର ଅନେକ ଅଭିଜ୍ଞ ସଂସ୍ଥା ଏହି ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ପାରି ନଥିଲେ। ଅନ୍ୟପଟେ ପ୍ରଥମ ଟେଣ୍ଡର ପ୍ରକ୍ରିୟାରେ ମୋଟ ୨୨ ଜଣ ବିଡର୍ ଭାଗ ନେବା ପାଇଁ ଆବେଦନ କରିଥିବା ବେଳେ ଜିଲ୍ଲା କର୍ତ୍ତୃପକ୍ଷ ବିନା କାରଣରେ ସେଥିରୁ ୨ ଗୋଟି ଆବେଦନକୁ ବାଦ ଦେଇ ବାକି ୨୦ଟି ପ୍ରସ୍ତାବକୁ ଗ୍ରହଣ କରି ସେହି ବିଡର୍‌ମାନଙ୍କ ମଧ୍ୟରୁ କୌଣସି ବିଡର୍‌ଙ୍କୁ ଚୟନ କରିବାକୁ ସ୍ଥିର କରିଥିବା ଜଣାପଡିଛି। ତେବେ ଯେଉଁ ୨୦ ଜଣ ବିଡର ଏଥିରେ ଭାଗ ନେଇଛନ୍ତି ସେମାନେ କେଉଁ ସୂତ୍ରରୁ ଖବର ପାଇଲେ ତାହା କାହାକୁ ଅଜଣା। ସରକାରୀ ପଞ୍ଜିକାରେ ଯେତେବେଳେ ୨୨ଟି ସଂସ୍ଥାର ଆବେଦନ ଦାଖଲ ହୋଇଛି ବୋଲି ଉଲ୍ଲେଖ ରହିଛି, ସେଥିରୁ ଟେଣ୍ଡରର ସମସ୍ତ ଯୋଗ୍ୟତା ରଖୁଥିବା ସେହି ୨ଟି ଆବେଦନ ପତ୍ରକୁ କାହିଁକି ଏବଂ କେଉଁ ପରିସ୍ଥିତିରେ ଗ୍ରହଣ କରାଗଲାନାହିଁ, ସେ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପାଖରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ହିଁ ନାହିଁ। ତେବେ ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ ଏଥିନେଇ ଯାଜପୁର ସର୍କିଟ ହାଉସରେ ଏକ ଗୁପ୍ତ ବୈଠକ ମାଧ୍ୟମରେ କଟକର ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଏହି ଟେଣ୍ଡର ଦେବାକୁ ଫିକ୍ସିଂ ହୋଇଥିବା କୁହାଯାଉଛି। ଯେଉଁ ସଂସ୍ଥା ପୁରୀ ଜିଲ୍ଲାରେ କାର୍ଯ୍ୟ କରି ସଂପୂର୍ଣ୍ଣ ବଦନାମ ହୋଇସାରିଛି, ସେହି ସଂସ୍ଥାକୁ ଏହି ଟେଣ୍ଡର ଦେବା ପାଇଁ ମସୁଧା ଚାଲିଥିବା ଜଣାପଡିଛି। ସ୍ୱାସ୍ଥ୍ୟ ବିଭାଗର ଜଣେ ବ୍ୟକ୍ତି ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ମଧ୍ୟସ୍ଥି ସାଜିଥିବା ବି ମଧ କୁହାଯାଉଛି। ତାହା ହୋଇ ନ ଥିଲେ ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତା ଦୃଷ୍ଟିରୁ ସାଧାରଣତଃ ସମସ୍ତ ଆବେଦନକାରୀଙ୍କ ଉପସ୍ଥିତିରେ କିମ୍ବା ସେମାନଙ୍କ ଡକ୍ୟୁମେଣ୍ଟ ଯାଞ୍ଚ ପରେ ହିଁ କାହାକୁ ଯୋଗ୍ୟ ଅଯୋଗ୍ୟ ଘୋଷଣା କରାଯାଏ। ମାତ୍ର ଏଠାରେ ପ୍ରାରମ୍ଭିକ ପର୍ଯ୍ୟାୟରୁ ହିଁ ସେହି ୨ଟି ସଂସ୍ଥାକୁ ବାଦ୍ ଦେବା ଜିଲ୍ଲା କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ଉପରେ ସ୍ୱାଭାବିକ ଭାବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଯାଜପୁର ଜିଲ୍ଲାପାଳ ଏହି ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ଏହାର ତଦନ୍ତ ପୂର୍ବକ ଏଭଳି ଅନିୟମିତ ଟେଣ୍ଡରକୁ ବାତିଲ କରି ପୁନଃ-ଟେଣ୍ଡର କରିବାକୁ ଦାବି ହୋଇଛି। ତାହା ନ ହେଲେ ପ୍ରଶାସନର ଏଭଳି ଏକଚାଟିଆ କାର୍ଯ୍ୟ ଯୋଗୁଁ ବଞ୍ଚିତ ହୋଇଥିବା ଉକ୍ତ ଦୁଇ ସଂସ୍ଥା ଏବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ଏ ସଂପର୍କରେ ଡିପିଏମ୍‌ଙ୍କୁ ପଚାରିବାରୁ 'ମୁଁ ଛୁଟିରେ ଅଛି, ଖବର କାଗଜରେ ବିଜ୍ଞାପନ ପ୍ରକାଶ କରିବାକୁ ଦିଆଯାଇଥିଲା ବୋଲି ଜାଣିଛି। ଆଉ ବିଶେଷ କିଛି କହିପାରିବି ନାହିଁ। ଏ ସଂପର୍କରେ ସିଡିଏମ୍‌ଓଙ୍କୁ ପଚାରିଲେ ଜଣାପଡିବ' ବୋଲି କହିଥିଲେ। ଏହା ପରେ ଯାଜପୁର ସିଡିଏମ୍‌ଓଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ।

## ପରିବେଶ ସଚେତନତା କାର୍ଯ୍ୟକ୍ରମ




ବରୀ,୨୫।୨(ସମିସ): କଳା ସାହିତ୍ୟ ସଂସ୍କୃତି ପରିଷଦ ବରୀ ପକ୍ଷରୁ ପରିବେଶ ସୁରକ୍ଷାକୁ ଲକ୍ଷ୍ୟ କରି ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପରିଷଦର ସଭାପତି ଡା. ରାଜକିଶୋର ପଣ୍ଡାଙ୍କ ନେତୃତ୍ୱରେ ବରୀ ଅଞ୍ଚଳରେ ବୃକ୍ଷରୋପଣ, ବିଭିନ୍ନ ସଭା ସମିତିରେ ପୁଷ୍ପଗୁଚ୍ଛ ପରିବର୍ତ୍ତେ ଚାରାଗଛ ପ୍ରଦାନ କରଯାଉଛି। ସ୍ଥାନୀୟ ସମାଜସେବୀ, ଶିକ୍ଷକ, ଛାତ୍ରଛାତ୍ରୀ ଓ ପରିଷଦର ସଦସ୍ୟମାନେ ବହୁ ସଂଖ୍ୟାରେ ଯୋଗଦେଇ ବିଭିନ୍ନ ନାଟକ ଓ ସାହିତ୍ୟମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ବୃକ୍ଷରୋପଣ, ପ୍ଲାଷ୍ଟିକ ବ୍ୟବହାର କମାଇବା ଏବଂ ପରିଚ୍ଛନ୍ନତା ରକ୍ଷା କରିବା ପାଇଁ ସମସ୍ତଙ୍କୁ ସଚେତନ କରୁଛନ୍ତି। ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ରଖିଯିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ସେମାନେ ଆହ୍ୱାନ ଜଣାଇଥାନ୍ତି। ଏହି ପରିବେଶ ସଚେତନତା କାର୍ଯ୍ୟକ୍ରମ ବରୀ ଅଞ୍ଚଳରେ ସାମାଜିକ ଓ ପରିବେଶୀୟ ସନ୍ଦେଶ ପ୍ରସାରରେ ଏକ ଦୃଷ୍ଟାନ୍ତ ବରୀ ଅଞ୍ଚଳରେ ସୃଷ୍ଟି କରିଛି।

## ବଛୋଳରେ ଚେତନା ଗାୟତ୍ରୀ ମହାଯଜ୍ଞ

ସିଂହପୁର,୨୫।୨(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବଛୋଳ ଗାୟତ୍ରୀ ଯଜ୍ଞ ପଡ଼ିଆରେ ପ୍ରତିବର୍ଷ ପରି ଚଳିତ ବର୍ଷ ୪୧ତମ ଚେତନା ଗାୟତ୍ରୀ ମହାଯଜ୍ଞ ଆସନ୍ତା ୨୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ଦିନ ଉଦ୍‌ଯାପିତ ହେବ। ଏଥିରେ କଳସ ଯାତ୍ରା, ଅଗ୍ନି ସଂଯୋଗ, ଚଣ୍ଡି ପାଠ, ଗୀତା ପାଠ, ଭାଗବତ ପାଠ, ଆଦି କାର୍ଯକ୍ରମ କରାଯିବ ବୋଲି ଆୟୋଜକ ମାନେ କହିଛନ୍ତି। ବାଛୋଳ, ଟିଣା, ହରସିଂହପୁର ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ କାର୍ଯ୍ୟ ସଂପନ୍ନ ହେବ।

## ଶିକ୍ଷକଙ୍କ ସ୍ମୃତିଚାରଣ ସଭା



କୟାଁଗୋଲା,୨୫।୨(ସମିସ): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଦଉପୁରଠାରେ ଛାତ୍ର ବତ୍ସଳ ଶିକ୍ଷକ କାଳନ୍ଦୀ ଚରଣ ମହାନ୍ତିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଦାଧର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ବାରିକ, ଲକ୍ଷ୍ମୀଧର ନାୟକ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ପରିଡା, ସମାଜସେବୀ ସୁଶାନ୍ତ ସାହୁ, ବନ୍ଧୁ ମହାନ୍ତି ସ୍ମୃତି କମିଟି ଦିଲ୍ଲୀପ କୁମାର ମହାନ୍ତି, ଗୋପିନାଥଜିଉ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସେକ୍ ମୋବାରକ ଅଲ୍ଲୀ, ବିଜ୍ଞାନ ଶିକ୍ଷକ ଦିଲ୍ଲୀପ କୁମାର ଦାସ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପ୍ରାଣବନ୍ଧୁ ସାଏନ୍ତ, ଦଉପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାମଲ, ମିଛ କବିତା ସାହିତ୍ୟ ସଂସଦ ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, ସମାଜସେବୀ ଗଦାଧର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ବଡଚଣା,୨୫।୨(ସମିସ): ଚଣ୍ଡିଖୋଲ ସନ୍ନିକଟ ଭଡ଼ଙ୍ଗା ଗ୍ରାମର ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ନିରଞ୍ଜନ ନାୟକଙ୍କ ଧର୍ମପତ୍ନୀ କୁନ୍ତଳା ନାୟକ (୯୦)ଙ୍କର ଆଜି ନିଜ ବାସଭବନରେ ପରଲୋକ ଘଟିଛି। ସେ ଜଣେ ଧର୍ମପ୍ରାଣା, ପରୋପକାରୀ, ମିଷ୍ଟଭାସି, ସ୍ନେହୀ, ମହିଳା ଥିଲେ। ମୃତ୍ୟୁ ଖବର ଶୁଣି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହିତ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। କନିଷ୍ଠ ପୁତ୍ର ଅମରେନ୍ଦ୍ର ମୁଖାଗ୍ନି ଦେଇଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ବଡ଼ଚଣା,୨୫।୨(ସମିସ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡା ଗ୍ରାମ ଶ୍ରୀଶ୍ରୀ ଶ୍ୟାମସୁନ୍ଦର ସଂକୀର୍ତ୍ତନ ମଣ୍ଡଳୀ ଆନୁକୂଲ୍ୟରେ ୩୭ ତମ ଅଷ୍ଟପ୍ରହର ନାମଯଜ୍ଞ ଉଦଯାପିତ ହୋଇଯାଇଛି। ଶୁଭାଧିବାସ, ଅଖଣ୍ଡ ନାମସଂକୀର୍ତ୍ତନ, ନଗର ପରିଭ୍ରମଣ କରାଯାଇଥିଲା। ନିକଟସ୍ତ ନଦୀରୁ ଜଳପୂର୍ଣ୍ଣ କଳସ ଆଣି ମାନସିକଧାରୀ ମାନେ ମହାପ୍ରଭୁ ନିତାଇ ଗୌରଙ୍କୁ ଆବାହନ କରାଇଥିଲେ। ଏହି ଅବସରରେ ନିକଟସ୍ଥ ଗ୍ରାମ ଖଇରା, ଧାନମଣ୍ଡଳ, ରାଧାଦେଇପୁର, ପଦ୍ମନାଭପୁର, କଣ୍ଟିଗଡିଆ, ରସିକନଗର, ମହାଖଳା ଓ ବାଲିସାହି ସଂକୀର୍ତ୍ତନ ମଣ୍ଡଳୀ ଏହି ଅଷ୍ଟପ୍ରହର ନାମ ଯଜ୍ଞରେ ଯୋଗଦେଇ ଥିଲେ। ନଗର ପରିଭ୍ରମଣ କରି କୁଞ୍ଜରେ ପ୍ରବେଶ କଲାପରେ ମାନସିକଧାରୀ ବିଶ୍ୱଜିତ୍ ରାଉତ୍ ଦାଧିହାଣ୍ଡି ଭାଙ୍ଗିଥିଲେ।

## ବୀରଭୂମିରେ ପ୍ରାକୃତିକ ସମ୍ପଦ ସୁରକ୍ଷା ଯାତ୍ରା




ଦାନଗଦି,୨୫।୨(ସମିସ): ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ଲୋକଙ୍କର ଜୀବନ ଜୀବିକା ଓ ସାମାଜିକ ନ୍ୟାୟର ଦାବିକୁ ନେଇ ଲୋକଶକ୍ତି ଅଭିଯାନ, ଜନ ଆନ୍ଦୋଳନର ରାଷ୍ଟ୍ରୀୟ ସମନ୍ୱୟ, ସେଣ୍ଟର ଫୋର କ୍ଲାଇମେଟ ଜଷ୍ଟିସ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରାକୃତିକ ସମ୍ପଦ ସୁରକ୍ଷା ଓ ଲୋକ ଅଧିକାର ଯାତ୍ରାକୁ କଳିଙ୍ଗନଗର ବୀରଭୂମିରେ ସ୍ୱାଗତ କରାଯାଇଛି। ଏହି ଉପଲକ୍ଷେ କଳିଙ୍ଗନଗର ବୀରଭୂମି ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋକଶକ୍ତି ଅଭିଯାନର ଆବାହକ ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ତଥା ଗନ୍ଧମାର୍ଦ୍ଦନ ସୁରକ୍ଷା ସମିତିର ଲିଙ୍ଗରାଜ ପ୍ରଧାନ, ମିଥ୍ୟା ମକଦ୍ଦମା ବିରୋଧୀ ମଞ୍ଚ ଓଡିଶାର ନରେନ୍ଦ୍ର ମହାନ୍ତି, ନିୟମଗିରି ସୁରକ୍ଷା ସମିତିର ରାଜକିଶୋର ସୁନାନୀ, କଲ୍ୟାଣ ଆନନ୍ଦଙ୍କ ସହ ଗାନ୍ଧୀ ସ୍ମାରକୀ ନିଧିର ଡ. ବିଶ୍ୱଜିତ ରାୟ ପ୍ରମୁଖ ଯୋଗଦେଇଥିଲେ। ଏ ଯାତ୍ରାର ଉଦ୍ଦେଶ୍ୟ ହେଉଛି ଲୋକଙ୍କ ଭିତରେ ଚେତନା ସୃଷ୍ଟି କରିବା ସହ ରାଜନୈତିକ ଦଳ ଗୁଡିକୁ ପ୍ରଶ୍ନ କରିବା। ଶୁଦ୍ଧବାୟୁକୁ ବିଷାକ୍ତ କରି ବିକାଶ ନାଁରେ ବିନାଶ କରିବା ଉପରେ ସଚେତନତା ପାଇଁ ଏହି ଯାତ୍ରା ଆରମ୍ଭ ହୋଇଥିବା ସମ୍ପର୍କରେ ପ୍ରଫୁଲ୍ଲ ସାମନ୍ତରା ନିଜର ବକ୍ତବ୍ୟରେ କହିଥିଲେ। ବୁଧବାର ଅପରାହ୍ନରେ ସିଭିଲ ସୋସାଇଟି ଯାଜପୁର, ଆଦିବାସୀ ସମାଜ, ଦଳିତ ଅଧିକାର ମଞ୍ଚ ଓ ଜିଲ୍ଲାର ଗଣ ସଂଗଠନ ସମୂହ ପକ୍ଷରୁ ବିଶ୍ୱନାଥ ପାତ୍ର, ଧନେଶ୍ୱର ଟୁଡୁ, ଡୁକୁର ସାମାଡ଼, ରାଜା କିସକୁ ଧର୍ମପଦ ମଲ୍ଲିକ, ବିଜୟ ଦାସ, ଜଗନ୍ନାଥ ମଲ୍ଲିକ, ଦୁଷ୍ମନ୍ତ ଜେନା, ବାବନ ମଲ୍ଲିକ ବଉଳ ମଲ୍ଲିକ, ଚମ୍ପା ମଲ୍ଲିକଙ୍କ ନେତୃତ୍ୱରେ ଏକ ପଦଯାତ୍ରାର ଆୟୋଜନ କରାଯାଇ ସହିଦ ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପରେ ଏହି ସଭାର ଆୟୋଜନ କରାଯାଇଥିଲା।

## ବ୍ଲକ୍ କର୍ମଚାରୀଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ

ଯାଜପୁର,୨୫।୨(ସମିସ): ରସୁଲପୁର ବ୍ଲକ୍‌ର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ବିରୋଧରେ ଏକ ଅଭିଯୋଗ ପାଇବା ପରେ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ ରସୁଲପୁର ବ୍ଲକ୍‌ର ୪ର୍ଥ ଶ୍ରେଣୀ କର୍ମଚାରୀ ରତିକାନ୍ତ ମିଶ୍ର ସରକାରୀ ଡ୍ୟୁଟି ସମୟରେ ସାଧାରଣ ଲୋକଙ୍କୁ ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ କରିବାରେ ଅବହେଳା କରିବା ସହ ସେ ନିଶାସକ୍ତ ଅବସ୍ଥାରେ ଡ୍ୟୁଟି କରୁଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଖାଲି ଏତିକି ନୁହେଁ ବ୍ଲକ୍‌ର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ହୋଇ ସେ ଗୋଟିଏ ଅଫିସର କ୍ୱାଟର୍‌ରେ ବ୍ଲକ୍‌ରେ ରହୁଛନ୍ତି। ତାଙ୍କର ଘର ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ ଠାରୁ ୪ କିମି ଦୂରରେ ଥିବା ବେଳେ ସେ କେଉଁ ପରିସ୍ଥିତିରେ ଅଫିସର କ୍ୱାଟର ପାଇଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅନ୍ୟ ପକ୍ଷରେ ରସୁଲପୁର ବ୍ଲକ୍ ବଡକଇଁଚି ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶୋକ ମଲିକଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ନେଇ ୪ର୍ଥ ଶ୍ରେଣୀ କର୍ମଚାରୀ ଶ୍ରୀ ମିଶ୍ର ଅତୀତରେ ଜେଲ୍ ଯାଇ ଚାକିରିରୁ ସସ୍‌ପେଣ୍ଡ ହୋଇଥିଲେ। ଏହି ସବୁ ଅଭିଯୋଗ ବାହାଦଲାପୁର ପଞ୍ଚାୟତର ସୁବ୍ରତ କୁମାର ନାୟକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିର ଅଭିଯୋଗ ପଞ୍ଜିକୃତ ସଂଖ୍ୟା-୭୮/ତା-୧୬-୨-୨୦୨୬ରେ ଗ୍ରହଣ କରି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

## ଜେସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କବାଟବନ୍ଧ,୨୫।୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତ ଅଧୀନ ଐତିହାସିକ ପୀଠ ବଳରାମପୁର ଉପରଗଡ଼ ଠାରେ ଜଗନ୍ନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଏମ୍‌ଏମ୍‌ସିସି ତାଳଜଙ୍ଗ ଚାମ୍ପିଅନ ହୋଇଛି। ଚଳିତ ବର୍ଷ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ ଭାଗ ନେଇଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଏମ୍‌ଏମ୍‌ସିସି ତାଳଜଙ୍ଗ ଏବଂ ଏମ୍‌ଏମ୍‌ସି ଚଢ଼େଇଧରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଏମ୍‌ଏମ୍‌ସିସି ତାଳଜଙ୍ଗ ପ୍ରଥମେ ଟସ୍ ଜିତି ବ୍ୟାଟିଂର ନିଷ୍ପତି ନେଇ ଇନିଂସ ଆରମ୍ଭ କରିଥିଲା। ଦଳ ନିର୍ଦ୍ଧାରିତ ୧୫ ଓଭରରେ ୬ ୱିକେଟ ବିନିମୟରେ ୨୨୮ ରନସଂଗ୍ରହ କରିଥିଲା। ଦଳର ବାବୁ ବରାଳଙ୍କ ୨୬ ବଲରୁ ୪୮ ରନର ଏକ ଧୂଆଁଧାର ବ୍ୟାଟିଂ ଇନିଂସ ଏବଂ ଦଳର ଚମତ୍କାର ବୋଲର ସମରେନ୍ଦ୍ର ୨ ଓଭର ବୋଲିଂରେ ମାତ୍ର ୧୬ ରନ ବିନିମୟରେ ୪ ୱିକେଟ ଅକ୍ତିଆର କରିବା ସହିତ ହାଟ୍ରିକ୍ ଓଭର ଦଳକୁ ବିଜୟ ହାସଲ କରିବାରେ ସାହାଯ୍ୟ କରିଥିଲା। ଦ୍ୱିତୀୟ ଇନିଂସରେ ପ୍ରତିଦ୍ୱନ୍ଦି ଟିମ୍ ଏମ୍‌ଏମ୍‌ସି ଚଢ଼େଇଧରା ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ ହରାଇ ମାତ୍ର ୧୮୯ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ। ତାଳଜଙ୍ଗ ଟିମ୍‌ର ବାବୁ ବରାଳ ମ୍ୟାଚରେ ଚମତ୍କାର ଇନିଂସ ଖେଳି ମ୍ୟାନ ଅଫ ଦି ମ୍ୟାଚ ଏବଂ ଚଢ଼େଇଧରାର ବସନ୍ତ ମହାନ୍ତି ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ସିରିଜ ପାଇଁ ଯୋଗ୍ୟ ବିବେଚିତ ହୋଇ ପୁରସ୍କାର ରାଶି ଏବଂ ଟ୍ରଫି ହାସଲ କରିଥିଲେ। ଏହି ଅବସରରେ ଉଦଯାପନି ଦିବସରେ ମୁଖ୍ୟଅତିଥି ଭାବେ ସମାଜସେବୀ ମିନତୀ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତାଳଜଙ୍ଗ ପଞ୍ଚାୟତ ସରପଞ୍ଚ ବିପିନ ବିହାରୀ ସେଠି, ସାମ୍ବାଦିକ ବସନ୍ତ କୁମାର ମଲ୍ଲିକ, ରଞ୍ଜନ ସାହୁ, ସୁନୀଲ ପାଢ଼ୀ, ପଞ୍ଚାୟତ ପ୍ରଭାରୀ ପ୍ରହଲ୍ଲାଦ ସ୍ୱାଇଁ, ଜିତେନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଭାଷ୍ୟକାର ତରଣୀସେନ ମଲ୍ଲିକ ଧାରା ବିବରଣୀ ପ୍ରଦାନ କରିଥିଲେ। ଅମ୍ପାୟାର କୁମାର ସାନୁ ଏବଂ ରକି ଭାଇ ଖେଳ ପରିଚାଳନା କରିଥିଲେ।



## ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟଙ୍କ ସ୍ମୃତିସଭା



ବରୀ,୨୫।୨(ସମିସ): ବରୀ ବ୍ଲକ ଅନ୍ତର୍ଗତ ମନ୍ଦାରି ଗ୍ରାମର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କୁମାର ଜେନାଙ୍କ ଏକାଦଶାହ ଉପଲକ୍ଷେ ତାଙ୍କ ବାସଭବନଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହେଇଯାଇଛି। ବାଲିଆ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଦେବପ୍ରସାଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଡ. ନୃସିଂହ ଚରଣ ବେହେରା, ନିଳମଣି ସାମଲ, ନିମାଇଁ ରାୟ, ପ୍ରଧାନ ଶିକ୍ଷକ ନିର୍ମଳ ଜେନା, ପୂର୍ବତନ ସରପଞ୍ଚ ହରିହର ପଣ୍ଡା, କେଦାର ଚନ୍ଦ୍ର ସାମଲ, କୈଳାସ ଜେନା ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତଃ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମରଣିକା 'କୁମାର ଚିର ଅମର'କୁ ଉନ୍ମୋଚନ କରାଯାଇଥିଲା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଚୌଧୁରୀ ଅତୁଲ୍ୟ କୁମାର ମଙ୍ଗରାଜ, ପ୍ରେମାନନ୍ଦ ଜେନା, ଡ. ଭାଗ୍ୟଧର ସାହୁ, ପୂର୍ଣ୍ଣଚନ୍ଦ୍ର ଜେନା, ସୁନନ୍ଦା ଦାସ, ଦେବେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ମୃତିଚାରଣ ସଭା



ସିଂହପୁର,୨୫।୨(ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର ରେଳ ବିଭାଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ହରିହର ସାମଲଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସରୋଜ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ନାୟକ, ପ୍ରାକ୍ତନ ସରପଞ୍ଚ ପ୍ରମୋଦ କୁମାର ସାମଲ, ଶିକ୍ଷକ ଭାରତ ଭୂଷଣ ମଲ୍ଲିକ, ଶିକ୍ଷାବିତ୍ ପ୍ରମୋଦ କୁମାର ସାମଲ, ଗୁରୁଚରଣ ପଣ୍ଡା, ଶ୍ରୀଧର ସାମଲ, ବସନ୍ତ ରାଉତ, ମୀନକେତନ ପୁହାଣ, ଜ୍ଞାନେନ୍ଦ୍ର ବେଉରିଆ, ଭୁବନାନନ୍ଦ ସାମଲ, ସନ୍ତୋଷ ସାମଲ, ସଂଗ୍ରାମ ସାମଲ, ସୁବ୍ରତ ସାମଲ, ରବିନାରାୟଣ ପାଢ଼ୀ, ମନୋଜ ମଲ୍ଲିକ, ସରୋଜ ସାମଲ, ବିନୋଦ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱର୍ଗତ ସାମଲ ଡାକବିଭାଗରେ କାର୍ଯ୍ୟ କରି ଅବସର ନେଇଥିଲେ। ମନୋଜ ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଖଣି ଅଞ୍ଚଳରେ ଅତ୍ୟାଧୁନିକ ଜଳ ପରିଚାଳନା ବ୍ୟବସ୍ଥା

କାଳିଆପାଣି,୨୫।୨(ସମିସ):

ବିଶ୍ୱବ୍ୟାପୀ ଜଳ ସଙ୍କଟ ଏବଂ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଟାଟା ଷ୍ଟିଲ୍ ପକ୍ଷରୁ ଯାଜପୁର ଜିଲ୍ଲାର ସୁକିନ୍ଦା ଅଞ୍ଚଳରେ ପରିବେଶ ଅନୁକୂଳ ଖଣି କାର୍ଯ୍ୟକୁ ଅଧିକ ସୁଦୃଢ଼ କରାଯାଇଛି। କମ୍ପାନୀ ପକ୍ଷରୁ ଅତ୍ୟାଧୁନିକ ଜଳ ବିଶୋଧନ ଟେକ୍ନୋଲୋଜି ଏବଂ ସ୍ମାର୍ଟ ମନିଟରିଂ ବ୍ୟବସ୍ଥା ଯୋଗେ ଜଳ ପ୍ରଦୂଷଣ ରୋକିବା ସହ ସ୍ଥାନୀୟ ଜନ କଲ୍ୟାଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ ଗ୍ରହଣ କରାଯାଇଛି। ସାରୁଆବିଲ କ୍ରୋମାଇଟ୍ ଖଣିରେ ପୂର୍ବରୁ ଥିବା ଘଣ୍ଟା ପ୍ରତି ୩୮୦ କିଲୋଲିଟର ୟୁନିଟ୍ ବ୍ୟତୀତ ଘଣ୍ଟା ପ୍ରତି ୧,୨୦୦ କିଲୋଲିଟର ୟୁନିଟ୍‌ର ଏକ ନୂତନ କ୍ଷମତା ସମ୍ପନ୍ନ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି) ବ୍ୟବସ୍ଥା କରାଯାଇଛି। ସୁକିନ୍ଦା କ୍ରୋମାଇଟ୍ ଖଣିରେ କମ୍ପାନୀ ପକ୍ଷରୁ ଘଣ୍ଟା ପ୍ରତି ୪,୫୦୦ କିଲୋଲିଟର କ୍ଷମତା ବିଶିଷ୍ଟ ଏକ ବିଶାଳ ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି) କାର୍ଯ୍ୟକାରୀ ହେଉଛି। ଏହା ଖଣି ଅଞ୍ଚଳର ବର୍ଜ୍ୟଜଳ ଏବଂ ବର୍ଷା ଜଳକୁ ବିଶୋଧନ କରି ପୁନଃବ୍ୟବହାର ଯୋଗ୍ୟ କରିଥାଏ। ଏହି ପ୍ଲାଣ୍ଟଗୁଡ଼ିକ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି) ର ନିୟମାବଳୀ ଅନୁଯାୟୀ କାର୍ଯ୍ୟ କରୁଛନ୍ତି ଏବଂ ବିଶୋଧିତ ଜଳକୁ ଉଦ୍ୟାନ କୃଷି ଓ ଧୂଳି ନିୟନ୍ତ୍ରଣ କରିବା ପାଇଁ ବ୍ୟବହାର କରାଯାଉଛି। ଟାଟା ଷ୍ଟିଲ୍‌ର ଫେରୋ ଆଲୟଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍ଏଏମ୍‌ଡି)ର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି ଯେ, ଅତ୍ୟାଧୁନିକ ବିଶୋଧନ ପ୍ରଣାଳୀରେ ଜଳ ପରିଚାଳନା ଏବଂ ଏହାର ଡିଜିଟାଲ୍ ମନିଟରିଂ କ୍ଷେତ୍ରରେ କମ୍ପାନୀର ନିବେଶ ପରିବେଶ ସୁରକ୍ଷା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ପରିବେଶ ସୁରକ୍ଷାକୁ ଅଧିକ ସ୍ୱଚ୍ଛ କରିବା ପାଇଁ ଟାଟା ଷ୍ଟିଲ୍ ସେନ୍ସର ଭିତ୍ତିକ ଆନାଲାଇଜର ସ୍ଥାପନ କରିଛି, ଯାହା ଜଳର ଗୁଣବତ୍ତାକୁ ନିରନ୍ତର ଯାଞ୍ଚ କରିଥାଏ। ଏହି ତଥ୍ୟଗୁଡ଼ିକୁ ଏନ୍‌ଏବିଏଲ୍ ସ୍ୱୀକୃତିପ୍ରାପ୍ତ ତୃତୀୟ ପକ୍ଷ ଲ୍ୟାବ୍ ଦ୍ୱାରା ମଧ୍ୟ ଯାଞ୍ଚ କରାଯାଉଛି। ଏହାବ୍ୟତୀତ, କମ୍ପାନୀ ସାରୁଅବିଲ ଏବଂ କମର୍ଦ୍ଦା କ୍ରୋମାଇଟ୍ ଖଣିରେ ଘଣ୍ଟା ପ୍ରତି ୫୦ ଘନ ମିଟର କ୍ଷମତା ବିଶିଷ୍ଟ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ (ଡବ୍ଲ୍ୟୁଟିପି) ସ୍ଥାପନ କରୁଛି, ଯେଉଁଠାରୁ ବିଶୋଧିତ ଜଳକୁ ପାନୀୟ ଜଳ ଭାବେ ଯୋଗାଇ ଦିଆଯିବ।

ଖଣିଜ ଉତ୍ତୋଳନ ପ୍ରକ୍ରିୟାରେ ସାଧାରଣତଃ ଜଳର ବ୍ୟବହାର ଅଧିକ ହେଉଥିବାରୁ, ଏହାକୁ ନିୟନ୍ତ୍ରଣ କରିବା ପାଇଁ ଟାଟା ଷ୍ଟିଲ୍ ଏହାର ସମସ୍ତ କେନ୍ଦ୍ରରେ "ସ୍ମାର୍ଟ ୱାଟର ମ୍ୟାନେଜମେଣ୍ଟ ସିଷ୍ଟମ' କାର୍ଯ୍ୟକାରୀ କରିଛି। ଆଇଓଟି ସେନ୍ସର, ସ୍ୱୟଂଚାଳିତ ବ୍ୟବସ୍ଥା ଏବଂ ଡାଟା ଆନାଲିଟିକ୍ସ ଦ୍ୱାରା ପରିଚାଳିତ ଏହି ଅତ୍ୟାଧୁନିକ ପ୍ରଣାଳୀ ଜଳର ପ୍ରବାହ ଏବଂ ବ୍ୟବହାର ଉପରେ ରିୟଲ-ଟାଇମ୍ ନଜର ରଖୁଛି। "ଫ୍ଲକ୍ସଜେନ୍ ସଷ୍ଟେନେବଲ୍ ଟେକ୍ନୋଲୋଜି' ସହଯୋଗରେ କମ୍ପାନୀ ଏହାର ସମଗ୍ର ଜଳ ପରିଚାଳନା ବ୍ୟବସ୍ଥାକୁ ଡିଜିଟାଲାଇଜ୍ କରିଛି, ଯାହାର ସମସ୍ତ ତଥ୍ୟ ମୋବାଇଲ୍ ଏବଂ ୱେବ୍ ଆପ୍ଲିକେସନ୍ ମାଧ୍ୟମରେ ସହଜରେ ଉପଲବ୍ଧ ହୋଇପାରୁଛି।



## ଟାର୍ଗେଟ ପ୍ରଦାନରେ ଅନିୟମିତତା; ମଣ୍ଡିରୁ ଉଠୁନି ଧାନ

# ଶୁକ୍ରବାରଠାରୁ ସମିତି ମଣ୍ଡି ବନ୍ଦ ପାଇଁ ଚେତାବନୀ

ଭଣ୍ଡାରିପୋଖରୀ,୨୫।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ୮ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ମଣ୍ଡିରେ ହାତରେ ମାତ୍ର ଏକମାସ ସମୟ ଅଛି। ସେଥିରେ ଟାର୍ଗେଟ ଭଳି ବାଧକ ଅଛି। ଯୋଗାଣ ବିଭାଗ ଟାର୍ଗେଟ ପ୍ରଦାନରେ ଅନିୟମିତତା କରୁଛି। ଜିଲ୍ଲାର ୫ଟି ସ୍ୱୟଂ ବୃଦ୍ଧି ପାଇଁ ଦାୟିତ୍ୱ ଦିଆଯାଇଛି। ପଞ୍ଜିକୃତ ପ୍ରତ୍ୟେକ ଚାଷୀଙ୍କ ଟୋକନ ତନଖି କରି ଅବଧି ବୃଦ୍ଧି ପାଇଁ ସୁପାରିସ୍ କରିବା ସମିତି ପକ୍ଷରେ ଆଦୌ ସମ୍ଭବ ନୁହେଁ।



୫୩ ହଜାର ୩୩୨ କ୍ୱିଣ୍ଟାଲ କ୍ରୟ ଧାନ ପଦାରେ ପଡ଼ି ଖରା, କାକର ଓ ବର୍ଷା ଖାଉଛି। ମିଲର କ୍ରୟ ଧାନ ନେଉନାହିଁ। ଖରିଫ ଧାନ କ୍ରୟ ସମୟର ୨ ମାସ ଅତିକ୍ରାନ୍ତ ହୋଇଗଲାଣି, ମାତ୍ର ୪୦ ପ୍ରତିଶତ ଧାନ କ୍ରୟ କରାଯାଇଛି। ଅବଶିଷ୍ଟ ୬୦ ପ୍ରତିଶତ ଧାନ କ୍ରୟ ପାଇଁ ସହାୟକ ମଣ୍ଡି ଧାନକ୍ରୟ ଲକ୍ଷ୍ୟ ସମାପ୍ତ କରିସାରିଲେଣି। ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ମଣ୍ଡିର ଧାନକ୍ରୟ ଲକ୍ଷ୍ୟ ସମାପ୍ତ ପରେ ମଧ୍ୟ ୮ ହଜାର କ୍ୱିଣ୍ଟାଲ ଧାନ ଟାର୍ଗେଟ ରହିଛି। ସମିତି ମଣ୍ଡି ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି। ସମିତି ମଣ୍ଡିକୁ ଟୋକନ ଗୋଟିଏ ଅବଧି ସମିତି ମଣ୍ଡିର କ୍ରୟ ଅଧିକାରୀ ଚାଷୀଙ୍କ ଶରବ୍ୟ ହେଉଥିବାବେଳେ ନୋଡାଲ ଅଧିକାରୀ ଓ ସୁପରଭାଇଜର ମଣ୍ଡିକୁ ଆସୁନାହାନ୍ତି କି ଚାଷୀଙ୍କ ରୋଷ ପ୍ରଶମିତ ପାଇଁ କୌଣସି ଉଦ୍ୟମ କରୁନାହାନ୍ତି। ଧାନ କିଣା ପାଇଁ ସମିତିଗୁଡ଼ିକର ନିୟମିତ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ଏହାର ଉପଯୁକ୍ତ ସମାଧାନ ଆଗାମୀ ୨ ଦିନ ମଧ୍ୟରେ ନ ହେଲେ ଆଗାମୀ ଶୁକ୍ରବାରଠାରୁ ସମିତି ମଣ୍ଡିରେ ଧାନକିଣା ବନ୍ଦ କରାଯିବ ବୋଲି ପାକ୍ସ ସଂଘ ପକ୍ଷରୁ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ଓ ଜିଲ୍ଲା ସମବାୟ ନିବନ୍ଧକଙ୍କୁ ବୁଧବାର ଲିଖିତ ଭାବେ ଜଣାଇ ଦିଆଯାଇଛି। ସଂଘ ସଭାପତି ପ୍ରକାଶ ଜ୍ୟୋତି ମହାକୁଡ଼, ସାଧାରଣ ସମ୍ପାଦକ ଅରୁଣ ଉଦୟ ପାତ୍ର, ବିଭିନ୍ନ ବ୍ଲକ୍ ସଭାପତି ତନ୍ମୟ ମଲ୍ଲିକ, ରାଜେନ୍ଦ୍ର ଖଣ୍ଡାଇ, ଗୌରାଙ୍ଗ ନାୟକ, ଭରତ ଚନ୍ଦ୍ର ସାହୁ, ରାମଚନ୍ଦ୍ର ମହାକୁଡ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ୨ ଦିନ ମଧ୍ୟରେ ସମସ୍ତ ଅସୁବିଧା ଦୂର କରାଯିବ ବୋଲି ଯୋଗାଣ ଅଧିକାରୀ ଓ ସମବାୟ ନିବନ୍ଧକ ପ୍ରତିଶ୍ରୁତି ଦେଇଥିଲେ।

## କଲ୍ୟାଣ ମଣ୍ଡପ ଭିତରେ ରହିଛି ଧାନବସ୍ତା

ଦୋଳସାହି,୨୫।୨(ସମିସ): ସରକାରଙ୍କ ପକ୍ଷରୁ ସାଧାରଣ ଜନତାଙ୍କ ବିଭିନ୍ନ ଘରୋଇ ଆନୁଷ୍ଠାନିକ କାର୍ଯ୍ୟକ୍ରମ କରିବାକୁ କଲ୍ୟାଣ ମଣ୍ଡପ ପ୍ରତ୍ୟେକ ପଞ୍ଚାୟତରେ ନିର୍ମାଣ କରାଯାଇଛି। ଆଉ କାର୍ଯ୍ୟକ୍ରମ ବା ଉତ୍ସବ, ମହୋତ୍ସବ କରୁଥିବା ବ୍ୟକ୍ତିଙ୍କଠାରୁ କଲ୍ୟାଣ ମଣ୍ଡପର ଭଡ଼ା ମଧ୍ୟ ଆଦାୟ କରିବାକୁ ପ୍ରତି ପଞ୍ଚାୟତ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ




ଦୀର୍ଘଦିନ ହେବ ଏହି କଲ୍ୟାଣ ମଣ୍ଡପରେ ଧାନବସ୍ତାକୁ ଗଚ୍ଛିତ ରଖାଯାଇଛି। ଯାହାକୁ ନେଇ ଚର୍ଚ୍ଚା ଚାଲିଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଗୁଆମାଳ ପଞ୍ଚାୟତର କଲ୍ୟାଣ ମଣ୍ଡପ ଭିତରେ ଧାନ ଗଚ୍ଛିତ ରଖାଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଭିଯୋଗ ସମ୍ପର୍କରେ ତିହିଡ଼ି ବିଡିଓ ନିରଞ୍ଜନ ବାରିକଙ୍କୁ ଫୋନ୍ ଯୋଗେ ପଚାରିବାରୁ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ଅବସର ପରେ ଗାଦି ଛାଡୁନାହାନ୍ତି କନିଷ୍ଠ କିରାଣି

● ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଦୃଷ୍ଟି ଦେବାକୁ ଦାବି






ଧାମନଗର,୨୫।୨(ସମିସ): ଧାମନଗର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କନିଷ୍ଠ କିରାଣି ଅଜୟ କୁମାର ସାମଲ ୨୦୨୫ ମାର୍ଚ୍ଚ ୩୧ରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ ଆଉ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଅବସରର ଦୀର୍ଘ ଦିନ ପରେ ମଧ୍ୟ ଗାଦି ଛାଡୁନାହାନ୍ତି ସାମଲ ବାବୁ। ଏଠି ପ୍ରଶ୍ନ ଉଠୁଛି ଯେ, ସରକାରୀ କାର୍ଯ୍ୟାଳୟରେ ଗାଦିରେ ବସି ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରୁଛନ୍ତି କାହା ଇଙ୍ଗିତରେ। ଯାହାକୁ ନେଇ ସାଧାରଣ ଓ ଶିକ୍ଷକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଆମ ପ୍ରତିନିଧି ଅବସର ପରେ କାହା ନିର୍ଦ୍ଦେଶ କ୍ରମେ କାର୍ଯ୍ୟ କରୁଛ ସାମଲ ବାବୁଙ୍କୁ ପଚାରିବାରୁ ବିଇଓଙ୍କ ନିର୍ଦ୍ଦେଶରେ ଆସିଛି ବୋଲି କହିବା ସହ ପୁଣି କଥାକୁ ଆଡ଼େଇ ଦେଇ ଉକ୍ତ ସ୍ଥାନରୁ ଉଠି ପଳାଇ ଯାଇଥିଲେ। ଏ ସମ୍ପର୍କରେ ବିଇଓ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ସ୍ଥାନୀୟ ନେତାଙ୍କ କ୍ଷମତା ଚାପରେ ଚାପି ହୋଇ ମୁଁ କିଛି କହି ନାହିଁ କି ଜାଣି ନାହିଁ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏପଟେ ଡବଲ ଇଞ୍ଜିନ୍ ସରକାରର ଏଜେଣ୍ଟ ସାଜି ଅର୍ଥ ଆଦାୟ କରୁଛନ୍ତି ବୋଲି ସନ୍ଦେହ ସୃଷ୍ଟି କରିବା ସହ ଆଲୋଚନାର ବିଷୟ ପାଲଟିଛି। ଏହି ଅନିୟମିତତା କାର୍ଯ୍ୟକୁ ଚେକ୍ ଦେବା ପାଇଁ ଜିଲ୍ଲାପାଳ, ଜିଲ୍ଲା ଓ ବ୍ଲକ୍ ଶିକ୍ଷାଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରିଛନ୍ତି।

## ଭଦ୍ରକ ଅଦବି ମର୍କଜ ଆନୁକୂଲ୍ୟରେ 'ମୁଷାଏରା'



ଭଦ୍ରକ,୨୫।୨(ସମିସ): ଭଦ୍ରକ ପୁରୁଣା ବଜାରସ୍ଥିତ ମାଚିସ୍ ଫାକ୍ଟ୍ରିଠାରେ "ଭଦ୍ରକ ଅଦବି ମର୍କଜ' ଆନୁକୂଲ୍ୟରେ ପବିତ୍ର ରମ୍‌ଜାନ ମାସ ଉପଲକ୍ଷେ ଏକ ମୁଷାଏରା ଭଦ୍ରକର କବି ତଥା ଶିକ୍ଷକ ମୁସ୍ତାକ ଗୌହରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକର ପ୍ରସିଦ୍ଧ ସୁଫି ସୈୟଦ ନସୀମ୍ ଅଖ୍‌ତର କାଦରୀ ଓରଫ ବଡ଼ ସରକାର ବାବା ଓ ସୈୟଦ ୱାସିମ୍ ଅଖ୍‌ତର କାଦରୀ ଓରଫ ସାନ ସରକାର ବାବା ତଥା ମାମାଜାନଙ୍କ ଭଦ୍ରକ ରହଣି ସମୟରେ ସର୍ବଭାରତୀୟ ମୁଷାଏରାର ଆୟୋଜନ ହେଉଥିଲା। ତାଙ୍କର ଦେହାନ୍ତ ପରେ ମଧ୍ୟ ତାଙ୍କର ଶ୍ରଦ୍ଧାଳୁ ଭକ୍ତମାନେ ଏହି ପଥକୁ ଅନୁସରଣ କରୁଛନ୍ତି। ବଡ଼ ଓ ସାନ ବାବାଙ୍କ ଜୀବିତ ସମୟରେ ଅନେକ ଲୋକଙ୍କୁ ଶିକ୍ଷା ଆଧାରରେ କବି ତିଆରି କରାଇ ଆମ ରାଜ୍ୟ ଓ ରାଜ୍ୟ ବାହାରେ ମଧ୍ୟ କବିତା ପଢ଼ି ସୁନାମ ଅର୍ଜନ କରିଛନ୍ତି ଏବଂ ଏବେ ବି ଅନେକ କବି ଆଗଧାଡ଼ିରେ ରହିଛନ୍ତି। ବୁଧବାର ଏହି ମୁଷାଏରାରେ କବି ତୌଫିକ୍ ସାଗର, କବି ମୋଇନ୍ ସଫକ, କବି ନସୀମ କାଦରୀ, ଅବ୍‌ଦୁଲ ଦୟାନ ଜିଆ, ସହାବାଜ/ଗୁଲଫାନ, ସୋହେବ ଆୟାଜ, ଇନାୟତ କାଦରୀ, ସାହାବାଜ କାଦରୀ, ସାଦବ କାଦରୀ ପ୍ରମୁଖ ତାଙ୍କ କଲମ ମୁନରୁ କବିତା ଲେଖି ମୁଷାଏରାରେ ଯୋଗଦେଇଥିଲେ। ଏହି ମୁଷାଏରାରେ ହାଜୀ ସବବୀର ଅଲି, ହାଜୀ ମତଲୁବ ଅଲି, ହାଜୀ ତବାରକ ଅଲି, ଶେଖ ହବିବୁଲ୍ଲା, ଶେଖ ଅନୱର, ଶେଖ ଇମତିଆଜ ପ୍ରମୁଖ ପରିଚାଳନା କରିଥିଲେ।

## ଶନିଦେବଙ୍କ ମଥାରୁ ରୁପା ମୁକୁଟ ଚୋରି



ବାରିକପୁର,୨୫।୨(ସମିସ): ଗ୍ରହରାଜ ଶନି ଦେବଙ୍କ ମଥାରୁ ଚୋରମାନେ ରୁପା ମୁକୁଟ ଚୋରି କରିଛନ୍ତି। ତାହା ପୁଣି ଦିବାଲୋକରେ। ଏମିତି ଘଟଣା ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ଥାନା ରାଡୋ ଶନି ମନ୍ଦିରରେ। ସୂଚନାନୁଯାୟୀ, ବୁଧବାର ଦିନ ପ୍ରାୟ ୧୧.୩୦ରେ ୨ଜଣ ଅଜଣା ଯୁବକ ଏକ ସ୍କୁଟିରେ ମନ୍ଦିର ପରିସରକୁ ପ୍ରବେଶ କରିଥିଲେ। ଯୁବକଦ୍ୱୟ ମନ୍ଦିର ମୁଖ୍ୟ ଦ୍ୱାରର ଚାବି ଭାଙ୍ଗୁଥିବାବେଳେ ନିକଟସ୍ଥ ଖେଳ ପଡ଼ିଆରେ ଥିବା ଜଣେ ନାବାଳକ ଏହାକୁ ଦେଖିଥିଲେ। ନାବାଳକ ଜଣକ ଗାଁ ଲୋକଙ୍କୁ ଡାକିବା ପାଇଁ ଯାଇଥିବାବେଳେ ଏହାରି ଭିତରେ ଚୋର ୨ଜଣ ଚମ୍ପଟ ମାରିଥିଲେ। ଲୋକେ ଆସି ଦେଖନ୍ତି ତ ଶନିଦେବଙ୍କ ମଥାରେ ରୁପା ମୁକୁଟ ନ ଥିବାବେଳେ ରୁପା ଚନ୍ଦ୍ର ଓ ରୁପା ହାର ମଧ୍ୟ ନାହିଁ। ଏନେଇ ଥାନାକୁ ତତ୍‌କ୍ଷଣାତ୍ ଖବର ଦିଆଯାଇଥିଲା। ଖବର ପାଇ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଖୁବ୍‌ଶୀଘ୍ର ଚୋରମାନଙ୍କୁ ଧରାଯିବ ବୋଲି ପୁଲିସ ସୂଚନା ଦେଇଛି।

## ଭାରତୀୟ ମଜଦୂର ସଂଘ ପକ୍ଷରୁ 'ପ୍ରତିବାଦ ଦିବସ'

ଭଦ୍ରକ,୨୫।୨(ସମିସ): ଭାରତୀୟ ମଜଦୂର ସଂଘ(ବିଏମ୍‌ଏସ୍) ଭଦ୍ରକ ପକ୍ଷରୁ କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତିକୁ ବିରୋଧ କରି 'ପ୍ରତିବାଦ ଦିବସ' ଭାବେ ବୁଧବାର ଏକ ଭିନ୍ନ ଢଙ୍ଗରେ ପାଳନ କରାଯାଇଛି। ସରାକରଙ୍କ ନୀତିକୁ ବିରୋଧ କରି ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳ ଭଦ୍ରକଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ପାଚିକା ଓ ସହାୟିକା, ନିର୍ମାଣ ମଜଦୂର ସଂଘ ଭଳି ବିଏମ୍‌ଏସ୍ ସହିତ ଅନୁବନ୍ଧିତ ସଙ୍ଗମାନଙ୍କର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସଂଘ ପକ୍ଷରୁ ଶ୍ରମିକ ହିତ ସମ୍ବନ୍ଧିତ ଦାବି ସମୂହ ଏକ ଦାବିପତ୍ର ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ଅନ୍ତ୍ୟୋଦୟର ପ୍ରକୃତ ଭାବନା ଅନୁଯାୟୀ ସମସ୍ତ କ୍ଷେତ୍ର ଓ ବର୍ଗର ଶ୍ରମିକଙ୍କ ପାଇଁ ଶ୍ରମ ଆଇନ କଡ଼ାକଡ଼ି ଭାବେ ଲାଗୁ କରିବା, ଶିଳ୍ପ ସମ୍ପର୍କ କୋଡ୍ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ସ୍ଥିତି କୋଡ୍‌ରେ ଥିବା ଶ୍ରମିକ ବିରୋଧୀ ନିୟମକୁ ତୁରନ୍ତ ସଂଶୋଧନ, ଭାରତୀୟ ଶ୍ରମ ସମ୍ମିଳନୀ କରିବା ଏବଂ



ବିଭିନ୍ନ ତ୍ରିପାକ୍ଷିକ କମିଟିଗୁଡ଼ିକର ପୁନର୍ଗଠନ କରି ସେମାନଙ୍କ ନିୟମିତ ବୈଠକ କରିବା, ସମସ୍ତ ସ୍କିମ୍ ୱାର୍କରମାନଙ୍କର ମାସିକ ପାରିଶ୍ରମିକ ବୃଦ୍ଧି କରାଯିବା, ଇପିଏସ୍- ୯୫ରେ ଥିବା ସର୍ବନିମ୍ନ ପେନ୍‌ସନ୍ ୧ହଜାର ଟଙ୍କାରୁ ୭୫୦୦କୁ ବୃଦ୍ଧି କରିବା ସହିତ ମହଙ୍ଗା ଭତ୍ତା ପ୍ରଦାନ କରିବା, ଭାରତୀୟ ସମ୍ବିଧାନର ଧାରା ୧୪, ୧୫, ୧୬ ଏବଂ ୨୧ ଅନୁଯାୟୀ ସ୍କିମ୍ ୱାର୍କର ଓ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ନିୟମିତ କରାଯିବା, ସାଧାରଣ ନିଯୁକ୍ତି ଉପରେ ଥିବା ନିଷେଧାଦେଶକୁ ତୁରନ୍ତ ହଟାଯାଇ ଚାକିରିର ସୁରକ୍ଷା ସହିତ ଗ୍ୟାରେଣ୍ଟି ଯୁକ୍ତ ନିଯୁକ୍ତି ନିଶ୍ଚିତ କରିବା ଭଳି ବିଭିନ୍ନ ଦାବି ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟରେ ଅଙ୍ଗନବାଡ଼ି ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ର, ବିଏମ୍‌ଏସ୍ ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ଜିଲ୍ଲା ସମ୍ପାଦକ ପରେଶନାଥ ଧଳ, ଜିଲ୍ଲା କାର୍ଯ୍ୟକର୍ତ୍ତା ତପନ ପଣ୍ଡା, ବିଭୂତି ପାଣିଗ୍ରାହୀ, ମନୋଜ ପାତ୍ର, ସୁଶାନ୍ତ ନାୟକ, ପ୍ରଶାନ୍ତ ବଳ, ସୂର୍ଯ୍ୟକାନ୍ତ ଦାଶ, ମନୋଜ ଲେଙ୍କା, ଅଶୋକ ନାୟକ, ବିଶ୍ୱନାଥ ଜେନା, ସନ୍ଧ୍ୟା ପହି, ସୁଜାତା ଜେନା, ଜୟନ୍ତୀ ଜେନା ପ୍ରମୁଖ ଯୋଗଦେବା ସହିତ ସରକାର ଦାବି ପୂରଣ ନ କଲେ ସଂଘ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ।

**ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ୍ ନିମନ୍ତେ କର୍ମଶାଳା**

## 'ଶିଶୁଙ୍କୁ ଉତ୍ତମ ବ୍ୟବହାର ଓ ଶିଶୁ ମିତ୍ର ପରିବେଶ ସୃଷ୍ଟି କରିବା ପାଇଁ ପରାମର୍ଶ'

ଭଦ୍ରକ,୨୫।୨(ସମିସ): ଜିଲ୍ଲା ପୁଲିସ ସଭାଗୃହ ପରିସରରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ବିଭାଗ ତରଫରୁ ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ୍ ଓ ଅଂଶୀଦାର ପ୍ରମୁଖଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମ୍ବିତ୍ କୁମାର ମାଝୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ଅନ୍ୟତମ ଅତିଥି ରୂପେ କିଶୋର ନ୍ୟାୟ ପରିଷଦର ସରକାରୀ ଆୟୁକ୍ତା ଅଞ୍ଜୁ ରାଉତ, ଆଇନ ସେବା ପ୍ରାଧିକରଣର ଅତିରିକ୍ତ ସ୍ଥାୟୀ ଅଧିବକ୍ତା ଡ. ତାପସ କୁମାର ମହାନ୍ତି, ପୂର୍ବତନ ଜେଜେବି ସଦସ୍ୟ ଅଧିବକ୍ତା ବନମାଳୀ ଜେନା, ଜେଜେବି ସଦସ୍ୟ ବେଣୁଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶିଶୁ ସୁରକ୍ଷା ୟୁନିଟ୍‌ର ବରିଷ୍ଠ ଆଇନ ଅଧିକାରୀ ସୁବ୍ରତ ଦାସଙ୍କ ମଞ୍ଚ ସଂଯୋଜନାରେ ବିଷୟ ବିଶାରଦ ରୂପେ ପୂର୍ବତନ ଶିଶୁ କଲ୍ୟାଣ ସମିତି, ଅନୁଗୁଳର ଅଧ୍ୟକ୍ଷ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ୍ ଓ ବିଭିନ୍ନ ଅଂଶୀଦାରମାନଙ୍କ ପାଇଁ କିଶୋର ନ୍ୟାୟ ବ୍ୟବସ୍ଥାରେ ଶିଶୁମାନଙ୍କ ପାଇଁ ପ୍ରାବଧାନତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ତାଙ୍କ ପାଇଁ ଶିଶୁ ମିତ୍ର ପରିବେଶ ସୃଷ୍ଟି କରିବା ପାଇଁ ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ। ସେହିପରି ବିଭିନ୍ନ ଥାନାର ଶିଶୁ ମଙ୍ଗଳ ଅଧିକାରୀ, ଉପକାରାଗର, ରେଳ ବିଭାଗର ପୁଲିସ ଅଧିକାରୀ, ପ୍ୟାନେଲ୍ ଅଧିବକ୍ତା, ବିଭିନ୍ନ ପରାମର୍ଶଦାତା, ସଖୀ ସେଣ୍ଟର, ଶକ୍ତି କେନ୍ଦ୍ର, ଚାଇଲ୍ଡ ହେଲ୍ପ ଲାଇନ୍‌ର କର୍ମକର୍ତ୍ତା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶିଶୁମାନଙ୍କ ପାଇଁ ଆଇନର ବ୍ୟବସ୍ଥା, ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁଙ୍କୁ କିପରି ସାମାଜିକ ସ୍ରୋତରେ ସାମିଲ୍ କରାଯାଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରିଣୀ (ଅଣ ଆନୁଷ୍ଠାନିକ) ସ୍ୱାଗତିକା ବାରିକ୍, ସୁଭାଶିଷ ମିଶ୍ର, କୁଳଦୀପ ଜେନା, ଦମୟନ୍ତୀ ଦାଶ ସମେତ ଚାଇଲ୍ଡ ଲାଇନ୍‌ର ଟିମ୍ ସଦସ୍ୟ ଲକ୍ଷ୍ମୀକାନ୍ତ ସେଠୀ, ଚନ୍ଦ୍ରକାନ୍ତ ଗୋଚ୍ଛାୟତ, ପରାମର୍ଶଦାତା ଲକ୍ଷ୍ମଣ ଜେନା, ପରିଦର୍ଶକ ଦିଗ୍‌ବିଜୟ ମହାନ୍ତି, କାହ୍ନୁ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ଶ୍ରୀମତୀ ବାରିକ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




**ଐତିହାସିକ କାଳିମେଘା ମେଳଣ ପାଇଁ ଏସ୍‌ପିଙ୍କ ବୈଠକ**

## ଡିଜେକୁ ବାରଣ; ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଭଦ୍ରକ,୨୫।୨(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ିର ଐତିହାସିକ କାଳିମେଘା ମେଳଣ ଶାନ୍ତି, ଶୃଙ୍ଖଳାରେ ତଥା ସରକାରୀ ଗାଇଡ୍ ଲାଇନ୍‌ରେ ପାଳନ ଲାଗି ବୁଧବାର ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ କାର୍ଯ୍ୟାଳୟରେ ମେଳଣ କମିଟି କାର୍ଯ୍ୟକର୍ତ୍ତାଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଶ୍ରୀ ରାଉତ ଆସନ୍ତା ୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କାଳିମେଘା ମେଳଣରେ ଡିଜେ ବ୍ୟବହାରକୁ ବନ୍ଦ କରିବାକୁ ମେଳଣ କମିଟି, ଠାକୁରଙ୍କ ସେବାୟତମାନଙ୍କୁ ସ୍ପଷ୍ଟ କରିଥିଲେ। ଜିଲ୍ଲାରେ ଅନ୍ୟାନ୍ୟ ମେଳଣରେ ବି ଡିଜେ ବ୍ୟବହାରକୁ ବନ୍ଦ କରାଯାଇଥିବା ବେଳେ କାଳିମେଘାରେ ଏହା ବନ୍ଦ କରିବାକୁ ଏସ୍‌ପି ମେଳଣ କମିଟି କାର୍ଯ୍ୟକର୍ତ୍ତାଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଶିଶୁ, ବୃଦ୍ଧ-ବୃଦ୍ଧା ଓ ରୋଗଗ୍ରସ୍ତ ବ୍ୟକ୍ତି ସର୍ବୋପରି ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା, ଡିଜେ ଦୁର୍ଘଟଣା ଯୋଗୁଁ ହେଉଥିବା ଧନଜୀବନ ହାନୀରୁ ବର୍ତ୍ତିବା ତଥା ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି ବିମାନ ଶୋଭାଯାତ୍ରାରେ ଡିଜେ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପୂର୍ବରୁ କାଳିମେଘା ଓ ମୁକୁନ୍ଦପୁର ଗ୍ରାମ୍ୟ କମିଟି ପକ୍ଷରୁ ମେଳଣ କମିଟି, ଜିଲ୍ଲା ଓ ସ୍ଥାନୀୟ ପୁଲିସ ପ୍ରଶାସନ ନିକଟରେ ଆଗତ ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। ଏପରିକି ଡିଜେ ବ୍ୟବହାର କରିବାକୁ ଅପଚେଷ୍ଟା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ ବାଧ୍ୟ ହେବ ବୋଲି ବୈଠକରେ ଏସ୍‌ପି ଶ୍ରୀ ରାଉତ ସ୍ପଷ୍ଟ କରିଥିଲେ। ଏହି ବୈଠକରେ ମେଳଣ କମିଟିର ସ୍ଥାୟୀ ସଭାପତି ବାଣୀକଲ୍ୟାଣ ମହାପାତ୍ରଙ୍କ ଅସୁସ୍ଥତା କାରଣରୁ ତାଙ୍କ ପ୍ରତିନିଧି ଭାବେ ଉମାକଲ୍ୟାଣ ମହାପାତ୍ର, ସମ୍ପାଦକ ଗଣେଶ ପ୍ରସାଦ ନାୟକଙ୍କ ସମେତ ମେଳଣ କମିଟିର ପ୍ରମୁଖ କାର୍ଯ୍ୟକର୍ତ୍ତା ସୁରେଶ ଚନ୍ଦ୍ର ମହାପାତ୍ର, ଅପୂର୍ବ ରଞ୍ଜନ ଦାସ, କୀର୍ତ୍ତନ ନାରାୟଣ ରାଉତ ଓ ନିର୍ମଳ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



**ରାଜନୈତିକ ଉଦ୍ଦେଶ୍ୟ ରଖି ପରିବାରକୁ ପାଣି, ରାସ୍ତା ବନ୍ଦ**

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

ଭଦ୍ରକ,୨୫।୨(ସମିସ): ସମୟ ପରିବର୍ତ୍ତନ ହେଉଥିବାବେଳେ ଲୋକଙ୍କ ମାନସିକତା କିନ୍ତୁ ପରିବର୍ତ୍ତନ ହେଉନାହିଁ। ଭଦ୍ରକ ଜିଲ୍ଲାରେ ଦେଖିବାକୁ ମିଳିଛି କଙ୍ଗାରୁକୋର୍ଟ। ରାଜନୈତିକ ଉଦ୍ଦେଶ୍ୟ ରଖି ଗୋଟିଏ ପରିବାରକୁ ନିଆଁ, ପାଣି ଓ ରାସ୍ତା ବନ୍ଦ କଲେ ସାହିବାସୀ। ବାରମ୍ବାର ଥାନାକୁ ଦୌଡ଼ି ଦୌଡ଼ି ନ୍ୟାୟନ ପାଇବାରୁ ଏବେ ନ୍ୟାୟ ପାଇଁ ବୁଧବାର ଭଦ୍ରକ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ସମ୍ପୃକ୍ତ ପରିବାର ଲୋକେ। ଏପରି ଏକ ଅଭାବନୀୟ ଅଭିଯୋଗ ଆଣିଛନ୍ତି ଭଦ୍ରକ ଜିଲ୍ଲା ପୀରହାଟ ଥାନା ବାମନବିନ୍ଧା ପଞ୍ଚାୟତ ସନ୍ଦକପୁର ଗ୍ରାମର ନିରଞ୍ଜନ ଦାସ, ପୁଅ ପ୍ରହ୍ଲାଦ ଦାସ ଓ ତାଙ୍କ ପରିବାର। ନିରଞ୍ଜନଙ୍କ ଘରର ସମସ୍ତ ରାସ୍ତାକୁ ବାଉଁଶ ପୋତି ବନ୍ଦ କରିଦିଆଯିବା ସହିତ ସରକାରୀ ପାଣି କଳ ମଧ୍ୟ ବନ୍ଦ କରି ଦିଆଯାଇଛି। ଫଳରେ ପରିବାର ଲୋକେ ଘରୁ ବାହାରିବା ସମ୍ଭବ ହେଉନାହିଁ। ଏଥିପାଇଁ ପ୍ରତିବାଦ କଲେ କେତେକ ଗ୍ରାମବାସୀ ମାଡ଼ ମାରୁଥିବା ଅଭିଯୋଗ ଆଣିଛନ୍ତି। ଘଟଣାକୁ ନେଇ ପୀରହାଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ କେବଳ ମାମଲା ରୁଜୁ କରି ବସିପଡ଼ିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଡରଭୟରେ ଗ୍ରାମରେ ବାସ କରୁଥିବା ପରିବାର ବୁଧବାର ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ କାର୍ଯ୍ୟାଳୟରେ ପହଞ୍ଚି ନ୍ୟାୟ ଭିକ୍ଷା କରିଛନ୍ତି।




# ଉଚ୍ଛେଦ ପରେ ପୁଣି ଉଠା ଦୋକାନୀଙ୍କ ରାଜ୍; ପ୍ରଶାସନ ନିରବ

ଧାମନଗର,୨୫।୨(ସମିସ)



ଧାମନଗର ଏନ୍‌ଏସି ଅଧୀନ ବଡ଼ବଜାର ଛକରେ ପ୍ରଶାସନ ପକ୍ଷରୁ ସରକାରୀ ଜମି ଉପରେ ଥିବା ଦୁଇ ବଖରା ଦୋକାନ ଘରକୁ ଉଚ୍ଛେଦ ପରେ ପୁଣି ଉକ୍ତ ସ୍ଥାନରେ ଉଠା ଦୋକାନୀ ରାଜ୍ କଲେଣି। ପ୍ରଶାସନର ନିରବକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜନସାଧାରଣଙ୍କ ଅଭିଯୋଗ କ୍ରମେ ତହସିଲ୍ ଓ ପ୍ରଶାସନର 'ବୁଲ୍‌ଡୋଜର' କାର୍ଯ୍ୟାନୁଷ୍ଠାନ ଏବେ ଏକ ବଡ଼ ଶୂନ୍‌ରେ ପରିଣତ ହୋଇଛି। ଯେଉଁ ରାସ୍ତାକୁ ଲୋକଙ୍କ ସୁବିଧା ଲାଗି ମୁକ୍ତ କରାଯାଇଥିଲା। ତାହା ଏବେ କିଛି ଅସାଧୁ ଉଠାଦୋକାନୀଙ୍କ ବ୍ୟକ୍ତିଗତ ପୈତୃକ ସମ୍ପତ୍ତି ପାଲଟିଛି। ସରକାର ବଦଳିବା ପରେ କିଛି ମାସ ପୂର୍ବେ ତତ୍କାଳୀନ ତହସିଲ୍‌ଦାର ଦୀପକ କୁମାର ଦାସଙ୍କ ଉପସ୍ଥିତିରେ ଧାମନଗର ମୁଖ୍ୟ ବଡ଼ବଜାରରେ ଏକ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ଦୁଇଜଣ ପ୍ରଭାବଶାଳୀ ଦୋକାନୀଙ୍କ ଦୋକାନକୁ ହଟାଯାଇ ଆରଡ଼ି ବିଭାଗ ପକ୍ଷରୁ ସେଠାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି କଂକ୍ରିଟ୍ ଢଳେଇ କରାଗଲା। ଆଶା ଥିଲା ରାସ୍ତା ପ୍ରଶସ୍ତ ହେବ ଏବଂ ଟ୍ରାଫିକ୍ ସମସ୍ୟା ଦୂର ହେବ। ମାତ୍ର ବାସ୍ତବତା ହେଉଛି ସେହି ଢଳେଇ ହୋଇଥିବା ଜାଗା ଏବେ ଜବରଦଖଲକାରୀଙ୍କ ଲାଗି ଚରାଭୂଇଁ ସାଜିଛି। ୨ଟି ଦୋକାନ ଯାଇଥିବାବେଳେ ଏବେ ୨ଜଣ ସେଠାରେ ଉଠା ଦୋକାନ କରି ସ୍ଥାୟୀ ଭାବେ ଡେରା ପକାଇଛନ୍ତି। ଟ୍ରାଫିକ୍ ଜାମ୍‌ରେ ଛଟପଟ ହେଉଛନ୍ତି ସାଧାରଣ ଜନତା।

ଧାମନଗର ବଜାର ହେଉଛି ଅଞ୍ଚଳର ମୁଖ୍ୟ ପ୍ରାଣକେନ୍ଦ୍ର। ଏହି ବଜାର ଦେଇ ପ୍ରତିଦିନ ଭଦ୍ରକ, ଦୋବଲ ଏବଂ ଫଳପୁରକୁ ଯାଉଥିବା ବଡ଼ ବଡ଼ ବସ୍ ସମେତ ସରକାରୀ ଗାଡ଼ି ଯାତାୟାତ କରେ। ଏହା ସହିତ ସ୍ଥାନୀୟ ସାପ୍ତାହିକ ହାଟ ସମୟରେ ପାଦ ପକାଇବାକୁ ଜାଗା ମିଳେ ନାହିଁ। ପ୍ରଶାସନର ନାକ ତଳେ ଏହି ଜବରଦଖଲ ପୁଣି କେମିତି ହେଉଛି? କାହା ଛତ୍ରଛାୟା ତଳେ ଏହି ଉଠାଦୋକାନୀମାନେ ଏହି ରାସ୍ତାକୁ ଜବରଦଖଲ କରୁଛନ୍ତି। ସରକାରୀ ଅର୍ଥରେ କଂକ୍ରିଟ୍ ହେଲା, କିନ୍ତୁ ତାହା ସାଧାରଣ ଜନତାଙ୍କ ବଦଳରେ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଲାଭ ଲାଗି ବ୍ୟବହାର ହେଉଛି। ରାସ୍ତା ଉପରେ ଦୋକାନ ମେଲାଇବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ସେତିକିରେ ସରି ନାହିଁ। ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଯିବା ମଧ୍ୟ କଷ୍ଟକର ହୋଇପଡୁଛି। ସ୍ଥାନୀୟ ପୁଲିସ ଏବଂ ତହସିଲ୍ ପ୍ରଶାସନ ସବୁ ଦେଖି ଚୁପ୍ ରହିବା ସେମାନଙ୍କର ଅପାରଗତାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଘୋର୍ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହି ଜବରଦଖଲ ଉଚ୍ଛେଦ କରା ନ ଯାଏ, ତାହେଲେ ଧୀରେ ଧୀରେ ଆହୁରି ଜବରଦଖଲ ବଢ଼ିଯିବା ଆଶଙ୍କା ରହିଛି। ତେବେ ଯଥାଶୀଘ୍ର ଏହି ଜବରଦଖଲ ଉଚ୍ଛେଦ କରାଗଲେ ଟ୍ରାଫିକ୍ ସମସ୍ୟା ଦୂର ହୋଇପାରିବ ବୋଲି ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଦାବି କରିଛନ୍ତି। ଉକ୍ତ ଜବରଦଖଲ ପୁଣି ଉଚ୍ଛେଦ କରାଯିବ ବୋଲି ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ସୂଚନା ଦେଇଛନ୍ତି।

## ଭଦ୍ରକରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାକୁ ମୁସ୍‌ଲିମ ଜମାତର ସ୍ୱାଗତ

ଭଦ୍ରକ,୨୫।୨(ସମିସ): ଭଦ୍ରକ ଜିଲ୍ଲାର ଅନେକ ଦିନର ସ୍ୱପ୍ନ ତାହା ଆଜି ସାକାର ହେବାକୁ ଯାଉଛି ବୋଲି ଭଦ୍ରକ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି । ଭଦ୍ରକ ଜିଲ୍ଲାରେ ନୂତନ କରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା ପରେ ଭଦ୍ରକ ମୁସ୍‌ଲିମ ଜମାତ ପକ୍ଷରୁ ଉପସଭାପତି ଶେଖ୍ ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜୀ ଇନାମ ମହମ୍ମଦ, ସମ୍ପାଦକ ହାଜୀ ଅବ୍‌ଦୁଲ ମୁକିତ ଖାନ୍, କୋଷାଧ୍ୟକ୍ଷ ମିର୍ଜା ଏକ୍ରାମ ବେଗ, ଆଇନଜୀବୀ ତାହେର ମହମ୍ମଦ, ଶେଖ୍ ହବିବୁଲ୍ଲା, ଶେଖ୍ ଆବୁକାଲାମ, ହାଜୀ କାସିମ ଖାନ, ଅସରାଫ ଅଲ୍ଲି ଖାନ, ଇଂ.ରେଜାଏ ରସୁଲ, ଜମିଲ ଅଖତର ଖାନ, ଇଂ ହବିବୁଲ୍ଲା ଖାନ, ଇଂ ମୁଖ୍‌ତାର ଅହେମ୍ମଦ ରସିଦ୍, ହାଜୀ ଇବରାର ହୋସେନ, ମିଡିଆ ସେଲ ସଂଯୋଜକ ଶେଖ୍ ଅନୱର, ମୁସ୍ତାକ୍ ଗୌହର, ଶେଖ୍ ଇମ୍‌ତିୟାଜ୍ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଅଭିନନ୍ଦନ ଓ କୃତଜ୍ଞତା ଜଣାଇଛନ୍ତି । ରାଜ୍ୟ ସରକାର ଅଧିକ ସମୟ ନ ନେଇ ତୁରନ୍ତ ପ୍ରକଳ୍ପର ଭୂମିପୂଜନ କାର୍ଯ୍ୟକ୍ରମ କରିବାକୁ ଭଦ୍ରକ ମୁସ୍‌ଲିମ ଜମାତର କର୍ମକର୍ତ୍ତା ଓ ସମସ୍ତ ସଭ୍ୟ ବୃନ୍ଦ ନିବେଦନ କରିଛନ୍ତି । ଭଦ୍ରକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ଭଦ୍ରକ ଜିଲ୍ଲା ଶିକ୍ଷା କ୍ଷେତ୍ରରେ ସ୍ୱର୍ଣ୍ଣିମ ଅକ୍ଷରରେ ଯୋଡ଼ି ହୋଇଗଲା ବୋଲି ଭଦ୍ରକ ମୁସ୍‌ଲିମ ଜମାତର କର୍ମକର୍ତ୍ତାମାନେ କହିଛନ୍ତି ।

## ବାଲିଗଡ଼ିଆ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ଭଣ୍ଡାରିପୋଖରୀ,୨୫।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ନଗୁଆଁ ପଞ୍ଚାୟତ ବାଲିଗଡ଼ିଆ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶିକ୍ଷକ ବସନ୍ତ କୁମାର ସେଠୀଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାରିକପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ଷେଣ୍ଡ ମୁଖ୍ୟଅତିଥି, ସରପଞ୍ଚ କାଞ୍ଚନବାଳା ପାତ୍ର ମୁଖ୍ୟବକ୍ତା, ପୂର୍ବତନ ସାଧନକେନ୍ଦ୍ର ସଂଯୋଜକ ଉମାକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ଦଳାଇ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ, ସହଶୈକ୍ଷିକ ଓ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ପ୍ରଣତିଲତା ରାଉତ ଧନ୍ୟବାଦ ଦେଇଥିଲେ । ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ରାଜେନ୍ଦ୍ରପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାରିକପୁର,୨୫।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାଜେନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପ୍ରଧାନଶିକ୍ଷକ ରବିନ୍ଦ୍ରନାଥ ଗୁଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଙ୍କ ସମେତ ସମ୍ମାନିତ ଅତିଥି ଭାବେ ସାଧନ କେନ୍ଦ୍ର ସଂଯୋଜିକା ଜ୍ୟୋତ୍ସ୍ନା କୁମାରୀ ବାରିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମହିଲତା ସାହୁ, ଶିକ୍ଷୟିତ୍ରୀ ରୀନାରାଣୀ ମାଝୀ, ପରିଚାଳନା କମିଟି ସଭାପତି ଜଗବନ୍ଧୁ ପରିଡ଼ା ଯୋଗଦେଇ ଛାତ୍ରଛାତ୍ରୀଙ୍କର ନୈତିକ ଶିକ୍ଷା ଓ ଶିକ୍ଷଣ ଦକ୍ଷତା ହାସଲ କରିବାରେ ପିତାମାତା ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷୟିତ୍ରୀ ମନସ୍ମିତା ବିଶ୍ୱାଳ ସ୍ୱାଗତଭାଷଣ, ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ବିଶ୍ୱମ୍ବର ମାଝୀ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ସହିତ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ଶ୍ରୀକାନ୍ତ ପ୍ରସାଦ ବେହେରା, ମଞ୍ଜୁଲତା ସାହୁଙ୍କ ସମେତ ପରିଚାଳନା କମିଟି ସଭ୍ୟସଭ୍ୟା ଓ ଗ୍ରାମବାସୀ ପରିଚାଳନା କରିଥିଲେ ।

## ବାବା ସ୍ୱପ୍ନେଶ୍ୱରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ଭଦ୍ରକ,୨୫।୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍‌ର ନାଲଗୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଇଟୁଆ ଗ୍ରାମରେ ନୂତନ ଭାବେ ନିର୍ମିତ ଶିବ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ତିନି ଦିନ ଧରି ରୀତିନୀତି ଅନୁସାରେ ହୋମଯଜ୍ଞ, ପୂଜାର୍ଚ୍ଚନା କରାଯାଇ ନୂତନ ଭାବେ ବାବା ସ୍ୱପ୍ନେଶ୍ୱରଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା । ଶେଷ ଦିନରେ ବାବା ସ୍ୱପ୍ନେଶ୍ୱର ଓ ମାତା ପାର୍ବତୀଙ୍କର ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବାଜାବାଣର ତାଳେ ତାଳେ ବରଯାତ୍ରୀ ନେଇ ବାବା ସ୍ୱପ୍ନେଶ୍ୱର ମାତା ପାର୍ବତୀଙ୍କ ଘରେ ପହଞ୍ଚିଥିଲେ । ସେଠାରେ ରୀତିନୀତି ଅନୁଯାୟୀ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଇଟୁଆ ଗ୍ରାମର ସମସ୍ତ ଗ୍ରାମବାସୀ ନିଜ ଦୁଆରେ କଳସ ବସାଇ ବାବାଙ୍କ ଆରାଧନା କରିଥିଲେ । ପ୍ରତିଦିନ ସଂକୀର୍ତ୍ତନ ଓ ବେଦପାଠରେ ଗ୍ରାମରେ ଏକ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କଂଗ୍ରେସର ଯୁବନେତା ସତ୍ୟାନନ୍ଦ ରାଉତ ଯୋଗଦେଇ ବାବାଙ୍କ କୃପାଲାଭ କରିଥିଲେ । ମନ୍ଦିର ନିର୍ମାଣରୁ ପ୍ରତିଷ୍ଠା ପର୍ଯ୍ୟନ୍ତ ଗ୍ରାମର ବିଜୟ ବାରିକ, ବାଇଧର ଭୋଇ, କୁଳମଣି ବେହେରା, ସୁକାନ୍ତ ବାରିକ, ଶରତ ବାରିକ, ହରିହର ବାରିକ, ପାର୍ଥସାରଥୀ ନାୟକ, ମୁକ୍ତିକାନ୍ତ ବେହେରା, ଦିଲ୍ଲୀପ ଭୋଇଙ୍କ ସମେତ ସମସ୍ତ ଗ୍ରାମବାସୀ ସାହାଯ୍ୟ ଓ ସହଯୋଗ କରିଥିଲେ ।

**ଭଦ୍ରକ ଉପନିୟନ୍ତ୍ରକ ବୈଧମାପ ବିଜ୍ଞାନ କାର୍ଯ୍ୟାଳୟ**

# ୯ ମାସରେ ୨୦୬ ମାମଲା ରୁଜୁ

ଭଦ୍ରକ,୨୫।୨(ସମିସ):

ଭଦ୍ରକ ଉପନିୟନ୍ତ୍ରକ ବୈଧମାପ ବିଜ୍ଞାନ କାର୍ଯ୍ୟାଳୟ ବା ଓଜନ-ମାପ ବିଭାଗ ପକ୍ଷରୁ ଗତ ୯ ମାସରେ ଜିଲ୍ଲା ତମାମ ଓଜନ-ମାପ ନିୟମର ଉଲ୍ଲଂଘନ ନେଇ ମୋଟ ୨୦୬ଟି ମାମଲା ରୁଜୁ କରାଯାଇଛି । ଆଉ ଏହି ସବୁ ମାମଲାରୁ ୫ଲକ୍ଷ ୨୯ହଜାର ୮ଶହ

### ୫ ଲକ୍ଷ ୨୯ ହଜାର ୮୦୦ ଟଙ୍କା ଜରିମାନା ଆଦାୟ

ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାଯାଇଛି ।

ବିଭାଗୀୟ ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲା ଉପନିୟନ୍ତ୍ରକ ବୈଧମାପ ବିଜ୍ଞାନ କାର୍ଯ୍ୟାଳୟ ପକ୍ଷରୁ ଗତ ଏପ୍ରିଲ ୨୫ରୁ ଚଳିତ ବର୍ଷ ଜାନୁଆରୀ ମାସ ମଧ୍ୟରେ ଉକ୍ତ ମାମଲା ରୁଜୁ ହୋଇଛି । ଓଜନ-ମାପ ନିୟମର ଉଲ୍ଲଂଘନ କରିବା ଓ କମ୍ ଓଜନର ସାମଗ୍ରୀ ଦେବା ନେଇ ଏହି ସବୁ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ଜିଲ୍ଲାରେ ଥିବା ୫ଟି ପେଟ୍ରୋଲ ପମ୍ପରୁ ୧୮ହଜାର




ଟଙ୍କା ଜରିମାନା ଆଦାୟ ହୋଇଥିବାବେଳେ ୪ଟି ଏଲ୍‌ପିଜି(ଜାଳେଣି ଗ୍ୟାସ୍) ବିତରକଙ୍କଠାରୁ ଜାଳେଣି ଗ୍ୟାସ୍‌ର ଧାର୍ଯ୍ୟ ୧୪.୨ କେଜିରୁ କମ୍ ପରିମାଣର ଗ୍ୟାସ୍ ରହିବା ତ୍ରୁଟି ଯୋଗୁଁ ୨୪ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ସେହିଭଳି ଜିଲ୍ଲାରେ ଥିବା ଜୁଏଲାରୀ ଦୋକାନ ମଧ୍ୟରୁ ୨୮ଟି ଜୁଏଲାରୀ ଦୋକାନ ମାପ-ଓଜନ ନିୟମର ଉଲ୍ଲଂଘନ କରିବା ନେଇ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ୬୦ହଜାର ୮ଶହ ଟଙ୍କା ଜରିମାନା ଆଦାୟ ହୋଇଥିବା ଭଦ୍ରକ ବୈଧମାପ ବିଜ୍ଞାନ କାର୍ଯ୍ୟାଳୟର ଉପନିୟନ୍ତ୍ରକ ପ୍ରିୟବ୍ରତ ଜେନା ସୂଚନା ଦେଇଛନ୍ତି । ଅନୁରୂପ ଭାବେ ଅନ୍ୟାନ୍ୟ ବ୍ୟବସାୟ ପ୍ରତିଷ୍ଠାନ(ଆଳୁ, ଚାଉଳ, ୱେଲ୍‌ଡିଂ ଆଦି) ବିରୋଧରେ ସମାନ ଅଭିଯୋଗ ମୂଳେ ୭୮ଟି ମାମଲା ରୁଜୁ ହୋଇ ୨ଲକ୍ଷ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ସେହିଭଳି ଜିଲ୍ଲାର ଅନ୍ୟ ବ୍ୟାବସାୟିକ ପ୍ରତିଷ୍ଠାନ (ମାଛ, ମାଂସ, ଫଳ, ପନିପରିବା ଆଦି ଦୋକାନ) ଓଜନ-ମାପ ନିୟମର ଉଲ୍ଲଂଘନ ନେଇ ୧୯ଟି ମାମଲା ରୁଜୁ ହୋଇ ସେମାନଙ୍କଠାରୁ ୨୫ହଜାର ୫ଶହ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାଯାଇଛି । ତେବେ ଜିଲ୍ଲାରେ ଏହି ବୈଧମାପ ବିଜ୍ଞାନ କାର୍ଯ୍ୟାଳୟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦପ୍ତରରେ ବହୁବିଧ ସମସ୍ୟା ଲାଗି ରହିଛି । ନିଜସ୍ୱ ବିଲ୍‌ଡିଂ ନ ଥିବାବେଳେ ଗାଡ଼ି ଓ କର୍ମଚାରୀ ଅଭାବ ସମସ୍ୟା ରହିଛି । ଏହି କାର୍ଯ୍ୟାଳୟର ମୁଖ୍ୟ ଉପନିୟନ୍ତ୍ରକ ଶ୍ରୀ ଜେନାଙ୍କ ସହ ଜଣେ ସହକାରୀ ନିୟନ୍ତ୍ରକ ସୁଦର୍ଶନ ଟୁଡୁ କାର୍ଯ୍ୟରତ ଥିବାବେଳେ ଜଣେ ମାତ୍ର ମାନୁଆଲ ଆସିଷ୍ଟାଣ୍ଟ ବା ହସ୍ତ ସହାୟକ କାର୍ଯ୍ୟ କରୁଛନ୍ତି । ତେବେ ଦୀର୍ଘ ବର୍ଷ ଧରି ଅତ୍ୟାବଶ୍ୟକ ଜଣେ କନିଷ୍ଠ କିରାଣି ଏବଂ ୱାଚ୍‌ମ୍ୟାନ୍ ପଦ ଖାଲି ପଡ଼ିଥିବା ଜଣାଯାଇଛି ।

## ଇଟାଭାଟି ଧୂଆଁରେ ଧୂଷୁରୀ ଅଞ୍ଚଳବାସୀ ଅଣନିଃଶ୍ୱାସୀ

ଅସୁରାଳି,୨୫।୨(ସମିସ): ଧାମନଗର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଏବେ ବେଆଇନ ଇଟାଭାଟି ଗଢ଼ିଉଠିଛି । ମାତ୍ରାଧିକ ସଂଖ୍ୟାରେ ବୃଦ୍ଧି ପାଇଛି । ସମ୍ପୃକ୍ତ ଅଞ୍ଚଳର ପରିବେଶ ପ୍ରଦୂଷିତ ହେଉଛି । ବିଭିନ୍ନ ନଦୀପଠାରେ ଇଟା ବ୍ୟବସାୟୀମାନେ



### କେବେ ହେବ କାର୍ଯ୍ୟାନୁଷ୍ଠାନ ?

କୋଠାରଠାରୁ ଆରମ୍ଭ କରି ଧୂଷୁରୀ, ବେତାଳିଗାଁ, ନଦୀଗାଁ, ଅର୍ଜୁନପୁର, ପାଳସାହି, ସାହୁସାହି, ବାହାରବିଲ ଆଦି ପ୍ରମୁଖ ସ୍ଥାନରେ ମନଇଚ୍ଛା ଇଟାଭାଟି କରି ନିଜର ବେପାର ଚଳାଇଛନ୍ତି । ନଭେମ୍ବରରୁ ଏପ୍ରିଲ୍ ପର୍ଯ୍ୟନ୍ତ ଏହି ଇଟା ବେପାରୀଙ୍କ ରାଜ୍ ଚାଲିଥାଏ । ବିଭିନ୍ନ ସରକାରୀ ସ୍ଥାନ, ଗୋଚର, ଅନାବାଦୀ ପଡ଼ିଆ ଜମି, ସ୍କୁଲ ପାଖ ଜମି, ଡାକ୍ତଖାନା ପାଖ ଜମି, ନଦୀପଠା କୌଣସି ଜାଗା ଖାଲି ରଖୁନାହାନ୍ତି । ଏହି ଲାଭଖୋର୍ ବ୍ୟବସାୟୀମାନେ ପ୍ରଶାସନର ପରୋକ୍ଷ ସମର୍ଥନରେ ଏଭଳି ବେଆଇନ କାର୍ଯ୍ୟ କରୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଥିଲେ ବି ବାସ୍ତବରେ ପ୍ରଶାସନ ଦେଖିଶୁଣି ନିରବତା ଅବଲମ୍ବନ କରୁଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି । ରାଜସ୍ୱ ନିରୀକ୍ଷକଙ୍କ ସହିତ ମୂଳଚାଲ କରି ଅଳ୍ପ କିଛି ଘରୋଇ ଭାବେ ଇଟା ପୋଡ଼ିବାର ଦର୍ଶାଇ ଭିତିରିଆ ଅର୍ଥ କାରବାର ସହିତ ସହଜରେ ରସିଦ୍ ବା ଅନୁମତି ପତ୍ରଟିଏ ହାସଲ କରିନେଇ ନିଜର ବେପାର ଅତ୍ୟନ୍ତ ସୁବିଧାରେ କରିବାର ସୁଯୋଗ ହାସଲ କରି ନେଉଛନ୍ତି ଏହି ବେପାରୀମାନେ । ଯୁଆଡ଼େ ଦେଖିବ ଏବେ ଚାରିଆଡ଼େ ଇଟାଭାଟି । ଇଟାଭାଟି ଏବେ ପ୍ରଦୂଷଣ ଜନିତ ମୁଣ୍ଡବ୍ୟଥାର କାରଣ ହୋଇଛି । ନଦୀ ଅବବାହିକାରୁ ଇଟା ପାଇଁ ଉପଯୋଗୀ ମାଟି ଖୋଳି ନେଉଥିବାରୁ ମୃତ୍ତିକା କ୍ଷୟ ହୋଇ ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟାପ୍ତ କ୍ଷତି ହେଉଛି । ଯାହାକି ଭବିଷ୍ୟତରେ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି ।

## ସାପ କାମୁଡ଼ାରେ ଶିଶୁ ମୃତ

ବନ୍ତ/ଆଗରପଡ଼ା,୨୫।୨(ସମିସ): ବନ୍ତ ବ୍ଲକ୍ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ତାଜିପୁର ଗ୍ରାମର ବାଞ୍ଛିଲ ମୁଣ୍ଡାଙ୍କ ପୁଅ ପହିଲି ଓରଫ ନରସିଂହ(୫)ଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ପହିଲି ନିଜ ଝାଟିମାଟି ଘରେ ଖେଳୁଥିବାବେଳେ ନାଗ ସାପ ତାଙ୍କୁ କାମୁଡ଼ି ଦେଇଥିଲା । ପ୍ରଥମେ ଆଗରପଡ଼ା ଓ ପରେ ଭଦ୍ରକ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ପହିଲି ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ରରେ ଅଧ୍ୟୟନ କରୁଥିଲେ । ସ୍ନେକ୍ ହେଲ୍ପଲାଇନ୍ ପକ୍ଷରୁ ଘର ଭିତରୁ ସାପଟିକୁ ଉଦ୍ଧାର କରାଯାଇଛି ।

**ଟିକିରା ସ୍କୁଲର ବାର୍ଷିକ ଉତ୍ସବ**

## ‘ସ୍କୁଲରୁ ହିଁ ଛାତ୍ରଛାତ୍ରୀଙ୍କ ମୂଳଦୁଆ ପଡ଼ିଥାଏ’

ବନ୍ତ/ଆଗରପଡ଼ା,୨୫।୨(ସମିସ): ଛାତ୍ରଛାତ୍ରୀମାନେ ଶୃଙ୍ଖଳାର ସହ ସବୁ କାର୍ଯ୍ୟ କଲେ, ସଫଳତା ନିଶ୍ଚିତ ମିଳିବ । ମଧ୍ୟ ଇଂରାଜୀ ସ୍କୁଲରେ ଆୟୋଜିତ ବାର୍ଷିକ ଉତ୍ସବରେ ଅତିଥିମାନେ ଯୋଗଦେଇ ମତ ପ୍ରକାଶ କରିଥିଲେ । ବିଶିଷ୍ଟ ନାଟ୍ୟକାର




ସ୍କୁଲରୁ ହିଁ ପ୍ରତି ଛାତ୍ରଛାତ୍ରୀଙ୍କ ମୂଳଦୁଆ ପଡ଼ିଥାଏ, ଯାହାର ଯେପରି ମୂଳଦୁଆ ପଡ଼ିଥାଏ ଭବିଷ୍ୟତରେ ତାହା ପ୍ରତିଫଳିତ ହୋଇଥାଏ ବୋଲି ଆଗରପଡ଼ାସ୍ଥିତ ଟିକିରା ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସୁଧାଂଶୁ ଶେଖର ନାୟକ, ଡାଏଟ୍ ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ, ଆଗରପଡ଼ା କଲେଜ ଅଧ୍ୟକ୍ଷ ନାରାୟଣ ପାତ୍ର, ଶିକ୍ଷାବିତ୍ ଖଗେଶ୍ୱର ପଣ୍ଡା, ରଘୁନାଥ ରାଉତ, କୈଳାସ ଧଳ, ସରପଞ୍ଚ ବିନୋଦିନୀ ମହାନ୍ତି, ଯୁବନେତା ଅମୂଲ୍ୟରତ୍ନ ନନ୍ଦ, ସିଆର୍‌ସିସି ପ୍ରଦୀପ ପଲାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଧାନଶିକ୍ଷକ ଅମର ଦାଶଙ୍କ ସଭାପତିତ୍ୱ ଓ ଶିକ୍ଷାବିତ୍ ପଞ୍ଚାନନ ପୃଷ୍ଟିଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଶିକ୍ଷୟିତ୍ରୀ ରଶ୍ମିତା ରଣା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା । ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟିର ସମସ୍ତ ସଦସ୍ୟ/ସଦସ୍ୟା ଓ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ଅସୁରାଳି,୨୫।୨(ସମିସ): ଧାମନଗର ବ୍ଲକ୍ ପାଳସାହି ପଞ୍ଚାୟତ ଶ୍ରୀଅରବିନ୍ଦ ନଗର ବେତାଳିଗାଁଠାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଭକ୍ତିପୂତ ସହକାରେ ମହାସମାରୋହେ ୩୧ତମ ବାର୍ଷିକ ଉତ୍ସବ ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କ ନବମ ବାର୍ଷିକ ପବିତ୍ର ପାଦୁକା ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ସକାଳ ୬ଟାରୁ ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ ଓ ନାମ ଜପ କରାଯାଇଥିଲା । ୯ଟାରେ ଅଧ୍ୟାତ୍ମିକ ପତାକା ଉତ୍ତୋଳନ ଓ ବନ୍ଦେ ମାତରମ୍ ଜାତୀୟ ସଂଗୀତ ଗାନ କରାଯାଇଥିଲା । ପରେ କୁନି କୁନି ପିଲାମାନଙ୍କ ଦ୍ୱାରା ଶାରୀରିକ କ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯାଇଥିଲା । ଏହାପରେ ବିଶିଷ୍ଟ ମାତୃ ସନ୍ତାନଗଣଙ୍କ ଦ୍ୱାରା ଅତିମାନବ ଜାତି ପ୍ରତିଷ୍ଠା ବିବର୍ତ୍ତନର ପରବର୍ତ୍ତୀ ପଦକ୍ଷେପ ବିଷୟକୁ



ନେଇ ତତ୍ତ୍ୱଭିତିକ ଆଲୋଚନା କରାଯାଇଥିଲା । ଆଲୋଚକ ଭାବେ ମାତୃ ସନ୍ତାନଗଣ ସିଏ ବିଚିତ୍ରାନନ୍ଦ ଦାସ, ଶିକ୍ଷାବିତ୍ ଗାଲେଖ ବିହାରୀ ସାହୁ, ଜିଲ୍ଲା ଆବାହକ ପ୍ରଦୀପ ଜେନା, ଡ. ବସନ୍ତମଞ୍ଜରୀ ନନ୍ଦ, ଦାମୋଦର ଜେନା, ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ସେନାଧିକାରୀ କାଶୀନାଥ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ପୂର୍ବତନ ସରପଞ୍ଚ ଅନନ୍ତକିଶୋର ମହାନ୍ତି ଏହି ତତ୍ତ୍ୱପୂର୍ଣ୍ଣ ଆଲୋଚନାର ପରିସମାପ୍ତି ପରେ ପାଦୁକା ମନ୍ଦିରରେ ମାତୃ ସନ୍ତାନଗଣଙ୍କ ଦ୍ୱାରା ସମବେତ ଧ୍ୟାନ କରାଯାଇଥିଲା । ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଅଣ୍ଡିଆ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



ବନ୍ତ/ଆଗରପଡ଼ା,୨୫।୨(ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ଅଣ୍ଡିଆ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପ୍ରାକ୍ତନ ପ୍ରାଥମିକ ଶିକ୍ଷକ ସଂଘ ସଚିବ ରବୀନ୍ଦ୍ର ନାଥ ଜେନା, ମୁଖ୍ୟବକ୍ତା ପ୍ରାକ୍ତନ ସିଆର୍‌ସିସି ରତିକାନ୍ତ ମଲ୍ଲିକ, ସମ୍ମାନିତ ଅତିଥି ସିଆର୍‌ସିସି ସନ୍ତୋଷ କୁମାର ମଲ୍ଲିକ, ସୁନାଗଡ଼ିଆ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧର୍ମେନ୍ଦ୍ର ନାରାୟଣ ଜେନା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ନାୟକ, ଧନେଶ୍ୱର ଖଣ୍ଡେଇ, ବାଇଧର ଓଝା, ବିନୋଦ ନାୟକ, ପରିଚାଳନା କମିଟି ସଭାପତି ଅନନ୍ତ ଗୋପାଳ ଜେନା ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ହେବା ଫଳରେ ପିଲାମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଥାଏ ବୋଲି କହିଥିଲେ । ଶିକ୍ଷୟିତ୍ରୀ ମନୋରମା ଖିଲାର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ନମିତା ସେଠୀ ବାର୍ଷିକ ବିବରଣୀ ପଠନ ଓ ଶିକ୍ଷକ ଗୌତମ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଓ ଶିକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୯୦ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମାନସୀ ସେଠୀ, ରଞ୍ଜିତାବାଳା ଜେନା, କମିଟିର ସୁରେଶ ପରିଡ଼ା, ବାସୁଦେବ ଜେନା, ଆର୍ତ୍ତବନ୍ଧୁ ରାଉତ, ଅସିତ୍ ଓଝା, ରଶ୍ମିତା ଶଙ୍ଖୁଆ, ତିଳୋତ୍ତମା ଜେନା, ସରୋଜିନୀ ବେଜ୍, ଗୌତମିନୀ ପରିଡ଼ା, ମିନତୀ ଧଳ, ଛବିରାଣୀ ଧଳ, ୱାର୍ଡ ସଭ୍ୟା ସୁଲୋଚନା ରାଉତ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ/ସଦସ୍ୟା ଓ ଗ୍ରାମବାସୀ ସହଯୋଗ କରିଥିଲେ ।

**କାମରେ ନାହିଁ ତାରତମ୍ୟ**

# କେଉଁଠି ମାଟି ସଫା ହେଉଛି ତ; କେଉଁଠି ନାଳରେ କଳମ ଭର୍ତ୍ତି

ବାରିକପୁର,୨୫।୨(ସମିସ):





ପ୍ରାୟ ଦୁଇ ତିନି ବର୍ଷ ପରେ ଭଣ୍ଡାରିପୋଖରୀ ବ୍ଲକ୍‌ର କେତୋଟି ଡ୍ରେନେଜ୍ ନାଳ ସଫେଇ ପାଇଁ ବିଭାଗ ଅଣ୍ଟା ଭିଡ଼ିଛି । ଟେଣ୍ଡର ଜରିଆରେ ଗୋଟିଏ ଠିକା ସଂସ୍ଥାକୁ କାର୍ଯ୍ୟ ଆବଣ୍ଟନ କରାଯାଇଛି । ତଦନୁଯାୟୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ କାମ ଆରମ୍ଭ ହୋଇଛି । ସୂଚନା ମୁତାବକ, ମାଳଦା ନିକଟସ୍ଥ ସରତା ପୋଲଠାରୁ ପାର୍ବତୀ ସାଇଫନ୍ ଯାଏଁ ନାଳ ସଫେଇ ହେଉଛି । ସେହିପରି ଧାମନଗର କଲେଜ ଓ କୋରିଗାଁଠାରୁ କୁରିକଣା ଯାଏଁ ମଧ୍ୟ ନାଳର ପୁନରୁଦ୍ଧାର ହେଉଛି । କାମଟି କେଉଁଠି ମଠେଇ ମଠେଇ ଚାଲିଛି ତ ପୁଣି କେଉଁଠି ସାମାନ୍ୟ ହେଉଥିବା ଦେଖାଯାଉଛି । ଗମନାଗମନ ରାସ୍ତା ପାର୍ଶ୍ୱରେ ଟିକିଏ ଆଖିଦୃଶିଆ କାମ ହେଉଥିବାବେଳେ ଚାଷ ଜମି ଓ ପାଟ ଅଞ୍ଚଳ ସ୍ଥାନରେ କାର୍ଯ୍ୟଟି ଆକଳନ ପତ୍ର ନିୟମ ଅନୁସାରେ ହେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ମେସିନ ଦ୍ୱାରା କେବଳ ମାଟି ଟଣାରେ କାମ ସୀମିତ ରହୁଛି । ଯାହାକି ବର୍ଷା ଦିନେ ପୁଣି ଜଳ ନିଷ୍କାସନ ରେ ସମସ୍ୟା ସୃଷ୍ଟି କରିବ । କେବଳ ଗୋଟିଏ ଦୁଇଟି ପାଦ ଚଲା ପୋଲ ସହିତ କଂକ୍ରିଟ ନିର୍ମିତ ପାଣି ନିଷ୍କାସନ ପଥକୁ ଛାଡ଼ିଦେଲେ ସମ୍ପୂର୍ଣ୍ଣ କାମର ତାରତମ୍ୟ ରହୁନାହିଁ । ଏପଟେ ଅନ୍ୟ କେତେକ ନାଳରେ କଳମ ଭର୍ତ୍ତି ହୋଇଥିବାବେଳେ ଏହାକୁ ସଫେଇ ପାଇଁ ବିଭାଗ ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀମାନେ ଜଣାଇଛନ୍ତି । ମଣାଗଡ଼ିଆ ଓ ଖଡ଼ିସିଙ୍ଗାଠାରୁ ଲକ୍ଷ୍ମୀ ସାଗର ଯାଏଁ ରହିଥିବା ଡ୍ରେନେଜ୍ ନାଳ ବଣ ସଦୃଶ ହୋଇଛି । ଏଥିରେ ଅମରି ମାଡ଼ି ଯାଇଥିବାବେଳେ ଏହା ଡ୍ରେନେଜ୍ ନାଳ ଭଳି ଦେଖାଯାଉନାହିଁ । ଏହି ପଥରେ ୮/୧୦ ଖଣ୍ଡ ଗାଁର ଚାଷ ଜମିରୁ ବର୍ଷା ଦିନେ ଉଦ୍ବୃତ ଜଳ ନିଷ୍କାସନ ହୋଇଥାଏ । ଯାହାର ପୁନରୁଦ୍ଧାର ଜରୁରୀ ହୋଇଛି । ସେହିଭଳି ରାଢୋଠାରୁ ବିରୋଳୀ ପାଟ ଯାଏଁ ମଧ୍ୟ ଡ୍ରେନେଜ୍ ବ୍ୟବସ୍ଥା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ତେଣୁ ଏସବୁ ଜଳ ନିଷ୍କାସନ ପଥ ଉପରେ ଦୃଷ୍ଟି ଦେଇ ସଫେଇ କରିବା ସକାଶେ ଅଞ୍ଚଳର ଚାଷୀମାନେ ଦୃଢ଼ ଦାବି କରିଛନ୍ତି ।

## ଭଦ୍ରକରେ ଅବାଧ ଡ୍ରଗ୍ସ କାରବାର; ରୋକ୍ ଲଗାଇବାକୁ ଦାବିପତ୍ର

ଭଦ୍ରକ,୨୫।୨(ସମିସ): ଭଦ୍ରକ ଜିଲ୍ଲାରେ ଦୈନନ୍ଦିନ ଡ୍ରଗ୍ସ ଓ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି । ଯାହା ଯୁବ ସମାଜକୁ ପଥଭ୍ରଷ୍ଟ କରିବାରେ ଲାଗିଛି । ଡ୍ରଗ୍ସ ଓ ନିଶା କାରବାରକୁ ରୋକିବାରେ ପୁଲିସ ବିଫଳ ହୋଇପଡ଼ିଛି । ଏପରିସ୍ଥିତିରେ ଭଦ୍ରକ



ସହରର ବିଭିନ୍ନ ଅନୁଷ୍ଠାନରେ ସାମିଲ୍ ଥିବା ମହିଳାମାନେ ଏକଜୁଟ ହେବା ସହିତ ଜିଲ୍ଲାପାଳଙ୍କୁ ଭେଟି ଡ୍ରଗ୍ସ ଟ୍ରାଫିକିଂ ଉପରେ ଆଲୋଚନା କରିଛନ୍ତି । ସହରର କୋଣ ଅନୁକୋଣରେ ଡ୍ରଗ୍ସ କାରବାର ବୃଦ୍ଧି ପାଉଥିବାବେଳେ ଏଥିପ୍ରତି ପ୍ରଶାସନ ତୁରନ୍ତ ଧ୍ୟାନ ଦେବାକୁ ମହିଳାମାନେ ଦାବି ଜଣାଇଛନ୍ତି । ବୁଧବାର ଏହି ମର୍ମରେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କୁ ଭେଟି ବିଷ୍ଣୁପ୍ରିୟା ପଣ୍ଡା, ରାଧାରାଣୀ ପାଣିଗ୍ରାହୀ, ମମତା ବଳ, ରଶ୍ମିତା ଘଡ଼େଇ, ମାମୁନି ଘଡ଼େଇ, ସସ୍ମିତା ମହାନ୍ତି, ଶୁଭଶ୍ରୀ ମିଶ୍ର, ପ୍ରତିଭା ଜେନା, ଉଷାରାଣୀ, ମଧୁସ୍ମିତା ଦାସମହାପାତ୍ର, ପଦ୍ମାଳୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

